ବର୍ଷ-୨୪, ସଂଖ୍ୟା-୨୯୩
ଭୁବନେଶ୍ୱର
୨୭ ନଭେମ୍ବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 293
Bhubaneswar
27 November, 2024 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat


ରହମନଙ୍କୁ ନେଇ ନିରବତା ଭାଙ୍ଗିଲେ ମୋହିନୀ

# ଆମ ସମ୍ବିଧାନ ଆମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ମଜବୁତ ଆଧାର

ନୂଆଦିଲ୍ଲୀ, ୨୬।୧୧ (ପିଆଇବି): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ସଂସଦ ଭବନର ସେଣ୍ଟ୍ରାଲ ହଲରେ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ୭୫ ବର୍ଷ ପୂର୍ବେ ଆଜିର ଦିନରେ 'ସମ୍ବିଧାନ ସଦନ'ର ଏହି ସେଣ୍ଟ୍ରାଲ ହଲ୍ ରେ ସମ୍ବିଧାନ ସଭା ଏକ ନୂଆ ସ୍ୱାଧୀନ ଦେଶ ପାଇଁ ସମ୍ବିଧାନ ପ୍ରଣୟନର ବିଶାଳ କାର୍ଯ୍ୟ ସମ୍ପାଦନ କରିଥିଲା। ସେଦିନ ସମ୍ବିଧାନ ସଭା ମାଧ୍ୟମରେ ଆମେ ଭାରତର ଜନସାଧାରଣ ଏହି ସମ୍ବିଧାନକୁ ଗ୍ରହଣ କରିଥିଲୁ, ପ୍ରଣୟନ କରିଥିଲୁ ଏବଂ ନିଜକୁ ସମର୍ପିତ କରିଥିଲୁ ।

ଏହି ଅବସରରେ ସଂସ୍କୃତ ଏବଂ ମୈଥିଳି ଭାଷାରେ ମଧ୍ୟ ଏବେ ଭାରତର ସମ୍ବିଧାନ ଉପଲବ୍ଧ ହୋଇଛି। ସମ୍ବିଧାନର ୭୫ ବର୍ଷ ପୂରଣ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଭାଷାରେ ସମ୍ବିଧାନର କପି ପ୍ରକାଶ ପାଇଛି। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉଭୟ ଗୃହର ବାଚସ୍ପତି, ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ପ୍ରମୁଖ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ବିଧାନ ଦିବସ ପାଇଁ ଏକ ସ୍ୱତନ୍ତ୍ର ଡାକ ଟିକଟ ଏବଂ ମୁଦ୍ରା ମଧ୍ୟ ଜାରି କରାଯାଇଛି।

ରାଷ୍ଟ୍ରପତି କହିଛନ୍ତି, ଆମ ସମ୍ବିଧାନ ହେଉଛି ଆମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ମଜବୁତ ଆଧାର। ଆମ ସମ୍ବିଧାନ ଆମର ସାମୂହିକ ଏବଂ ବ୍ୟକ୍ତିଗତ ସମ୍ମାନକୁ ସୁନିଶ୍ଚିତ କରେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ନାଗରିକ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରିଥିଲେ। ଆସନ୍ତା ବର୍ଷ ଜାନୁଆରୀ ୨୬ରେ ଆମେ



ଆମ ସାଧାରଣତନ୍ତ୍ରର ୭୫ତମ ବାର୍ଷିକୀ ପାଳନ କରିବୁ। ଏଭଳି ଉତ୍ସବ ଆମକୁ ବର୍ତ୍ତମାନସୁଦ୍ଧା ଯାତ୍ରାର ସମୀକ୍ଷା କରିବା ଏବଂ ଆଗାମୀ ଯାତ୍ରା ପାଇଁ ଭଲ ଯୋଜନା କରିବାର ସୁଯୋଗ ପ୍ରଦାନ କରିଥାଏ। ଏଭଳି ଉତ୍ସବ ଆମର ଏକତାକୁ ସୁଦୃଢ଼ କରିବା ସହ ଜାତୀୟ ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଏକାଠି ବୋଲି ଦର୍ଶାଉଛି।

ରାଷ୍ଟ୍ରପତି କହିଛନ୍ତି ଯେ ଗୋଟିଏ ଦୃଷ୍ଟିରୁ ଭାରତର ସମ୍ବିଧାନ ହେଉଛି ପ୍ରାୟ ତିନି ବର୍ଷର ବିଚାରବିମର୍ଶର ଫଳ। କିନ୍ତୁ ପ୍ରକୃତ ଅର୍ଥରେ ଏହା ଆମର ଦୀର୍ଘ ସ୍ୱାଧୀନତା ସଂଗ୍ରାମର ପରିଣାମ ଥିଲା । ସେହି ଅତୁଳନୀୟ ଜାତୀୟ ଆନ୍ଦୋଳନର ଆଦର୍ଶ ସମ୍ବିଧାନରେ ସ୍ଥାନ ପାଇଥିଲା। ସେହି ଆଦର୍ଶଗୁଡ଼ିକୁ ସମ୍ବିଧାନର ପ୍ରସ୍ତାବନାରେ ସଂକ୍ଷିପ୍ତ ଭାବରେ ଗ୍ରହଣ କରାଯାଇଛି। ସେଗୁଡ଼ିକ ହେଉଛି ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃଭାବ। ଅନେକ ଯୁଗରୁ ଏହି ଆଦର୍ଶ ଭାରତକୁ ଭିନ୍ନ ସଂଜ୍ଞା ଦେଇ ଆସିଛି। ସମ୍ବିଧାନର ପ୍ରସ୍ତାବନାରେ ଦର୍ଶାଯାଇଥିବା ଆଦର୍ଶ ପରସ୍ପରର ପରିପୂରକ। ସେଗୁଡ଼ିକ ମିଳିମିଶି ଏପରି ଏକ ପରିବେଶ ସୃଷ୍ଟି କରନ୍ତି ଯେଉଁଥିରେ ପ୍ରତ୍ୟେକ ନାଗରିକ ଉନ୍ନତି, ସମାଜରେ ଯୋଗଦାନ ଏବଂ ସାଥୀ ନାଗରିକମାନଙ୍କୁ ସାହାଯ୍ୟ କରିବାର ସୁଯୋଗ ପାଆନ୍ତି।

ରାଷ୍ଟ୍ରପତି କହିଛନ୍ତି ଯେ, କାର୍ଯ୍ୟପାଳିକା, ବିଧାନପାଳିକା ଏବଂ ନ୍ୟାୟପାଳିକା ତଥା ସମସ୍ତ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣରୁ ଆମର ସାମ୍ବିଧାନିକ ଆଦର୍ଶକୁ ଶକ୍ତି ମିଳିଥାଏ। ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଆମ ସମ୍ବିଧାନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି । ଭାରତର ଏକତା ଓ ଅଖଣ୍ଡତା ରକ୍ଷା, ସମାଜରେ ସୌହାର୍ଦ୍ଦ୍ୟ କୁ ପ୍ରୋତ୍ସାହିତ କରିବା, ମହିଳାଙ୍କ ସମ୍ମାନ ସୁନିଶ୍ଚିତ କରିବା, ପରିବେଶ ସୁରକ୍ଷା, ବୈଜ୍ଞାନିକ ମନୋଭାବର ବିକାଶ, ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା ଏବଂ ଦେଶକୁ ଉଚ୍ଚସ୍ତରର ସଫଳତାରେ ପହଞ୍ଚାଇବା ନାଗରିକମାନଙ୍କ ମୌଳିକ କର୍ତ୍ତବ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ।

ସମ୍ବିଧାନର ଭାବନା ଅନୁଯାୟୀ ସାଧାରଣ ଲୋକଙ୍କ ଜୀବନକୁ ଉନ୍ନତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା କାର୍ଯ୍ୟପାଳିକା, ବିଧାନପାଳିକା ଓ ନ୍ୟାୟପାଳିକାର ଦାୟିତ୍ୱ ବୋଲି ରାଷ୍ଟ୍ରପତି କହିଛନ୍ତି। ସଂସଦ ଦ୍ୱାରା ପ୍ରଣୟନ କରାଯାଇଥିବା ଅନେକ ଆଇନରେ ଲୋକଙ୍କ ଆକାଂକ୍ଷା ପ୍ରତିଫଳିତ ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ସରକାର ସମାଜର ସମସ୍ତ ବର୍ଗ, ବିଶେଷ କରି ଦୁର୍ବଳ ବର୍ଗଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଏଭଳି ନିଷ୍ପତ୍ତି ଲୋକଙ୍କ ଜୀବନରେ ଉନ୍ନତି ଆଣିଛି ଏବଂ ସେମାନଙ୍କୁ ବିକାଶ ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି। ସୁପ୍ରିମକୋର୍ଟଙ୍କ ପ୍ରୟାସ କ୍ରମେ ଦେଶର ନ୍ୟାୟପାଳିକା ଆମ ନ୍ୟାୟିକ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପ୍ରୟାସ କରୁଛି ବୋଲି କହି ସେ ଖୁସି ବ୍ୟକ୍ତ କରିଛନ୍ତି।

ରାଷ୍ଟ୍ରପତି କହିଥିଲେ ଯେ ଆମ ସମ୍ବିଧାନ ଏକ ଜୀବନ୍ତ ଏବଂ ପ୍ରଗତିଶୀଳ ଦସ୍ତାବିଜ। ପରିବର୍ତ୍ତିତ ସମୟର ଆବଶ୍ୟକତା ଅନୁଯାୟୀ ଆମର ଦୂରଦୃଷ୍ଟିସମ୍ପନ୍ନ ସମ୍ବିଧାନ ନିର୍ମାତାମାନେ ନୂତନ ଦୃଷ୍ଟିକୋଣକୁ ଗ୍ରହଣ କରିବାର ବ୍ୟବସ୍ଥା କରିଥିଲେ। ସମ୍ବିଧାନ ମାଧ୍ୟମରେ ଆମେ ସାମାଜିକ ନ୍ୟାୟ ଏବଂ ସମାବେଶୀ ବିକାଶ ସହିତ ଜଡିତ ଅନେକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିଛୁ।

## ଡିସେମ୍ବର ୨୦ରେ ରାଜ୍ୟସଭା ଉପନିର୍ବାଚନ

ଭୁବନେଶ୍ୱର, ୨୬।୧୧ (ମହାଭାରତ): ଆସନ୍ତା ଡିସେମ୍ବର ୨୦ ତାରିଖରେ ଅନୁଷ୍ଠିତ ହେବ ରାଜ୍ୟସଭା ଉପନିର୍ବାଚନ। ୧୦ ତାରିଖ ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ। ଏନେଇ ବିଧିବଦ୍ଧଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟସଭାରୁ ସୁଜିତ କୁମାର ଇସ୍ତଫା ଦେବା ପରେ ଓଡ଼ିଶାରେ ଏହି ଉପନିର୍ବାଚନ ଅନୁଷ୍ଠିତ ହେଉଛି। ଏହା ସମେତ ୪ ରାଜ୍ୟର ୬ଟି ଆସନ ଲାଗି ରାଜ୍ୟସଭା ଉପନିର୍ବାଚନ। ସୁଜିତ କୁମାରଙ୍କୁ ବିଜେପି ରାଜ୍ୟସଭା ଉପନିର୍ବାଚନରେ ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି। ଅବଶ୍ୟ ଏନେଇ ଦଳ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ।



ରାଜ୍ୟସଭାରୁ ସୁଜିତ କୁମାର ଇସ୍ତଫା ଦେବା ପରେ ଓଡ଼ିଶାରେ ଏହି ଉପନିର୍ବାଚନ ଅନୁଷ୍ଠିତ ହେଉଛି। ଏହା ସମେତ ୪ ରାଜ୍ୟର ୬ଟି ଆସନ ଲାଗି ରାଜ୍ୟସଭା ଉପନିର୍ବାଚନ। ସୁଜିତ କୁମାରଙ୍କୁ ବିଜେପି ରାଜ୍ୟସଭା ଉପନିର୍ବାଚନରେ ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି। ଅବଶ୍ୟ ଏନେଇ ଦଳ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ।

ସୂଚନାଯୋଗ୍ୟ, ବିଜେଡି ଓ ରାଜ୍ୟସଭାରୁ ଇସ୍ତଫା ଦେଇଥିଲେ ସୁଜିତ କୁମାର। ୨୦୨୬ରେ ସୁଜିତ କୁମାରଙ୍କ କାର୍ଯ୍ୟକାଳ ସରିଥାନ୍ତା। କାର୍ଯ୍ୟକାଳ ସରିବାର ୨ ବର୍ଷ ପୂର୍ବରୁ ସୁଜିତ ରାଜ୍ୟସଭାରୁ ଇସ୍ତଫା ଦେଇଥିଲେ। ଦଳରେ ତାଙ୍କୁ କୋଣଠେସା କରାଯାଇଥିବାରୁ ସେ ଦଳରୁ ଇସ୍ତଫା ଦେଇଥିଲେ। ମମତା ମହାନ୍ତଙ୍କ ପରେ ସୁଜିତ କୁମାର ହେଉଛନ୍ତି ଦ୍ୱିତୀୟ ବିଜେଡି ରାଜ୍ୟସଭା ସାଂସଦ, ଯିଏ ଦଳ ଛାଡ଼ିଥିଲେ। ଏହାପରେ ସୁଜିତ କୁମାର ବିଜେପିରେ ଦେଇଥିଲେ। ନୂଆଦିଲ୍ଲୀ ବିଜେପି ମୁଖ୍ୟାଳୟରେ ସୁଜିତ କୁମାର ପଦ୍ମ ଧରିଥିଲେ।

# ବିଧାନସଭାରେ ଅତିରିକ୍ତ ବଜେଟ୍ ଉପସ୍ଥାପନ

**ନୂଆ ପଦକ୍ଷେପ**

- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ସୁବିଧା ପାଇଁ ୨୬ କୋଟି
- ଶ୍ରୀମନ୍ଦିରର ରତ୍ନଭଣ୍ଡାର ପାଇଁ ୫ କୋଟି
- ପ୍ରବାସୀ ଭାରତୀୟ ଦିବସ ଆୟୋଜନ ପାଇଁ ୧୨୫ କୋଟି
- ଧରତୀ ଆବା ଜନଜାତୀ ଗ୍ରାମ ଉତ୍କର୍ଷ ଅଭିଯାନ ପାଇଁ ୯୨ କୋଟି
- ନିର୍ବାଚନ ମଣ୍ଡଳୀ ୱାରୀ ଆବଣ୍ଟନ ୧୪୨ କୋଟି
- ପୋଲିସ ପାଇଁ ମୋଟର ସାଇକେଲ କ୍ରୟ ପାଇଁ ୩୫ କୋଟି
- ୨୨ ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୩୦ କୋଟି
- ସିଏପିଏଫ୍ ମୁତୟନ ପାଇଁ ୨୯୯ କୋଟି
- ଅଗ୍ନିସେବା ଆଧୁନିକୀକରଣ ପାଇଁ ୬୦ କୋଟି
- ୧୬ କୋଟି ବ୍ୟୟରେ ପୋଲିସ ପ୍ରହରୀ ପାଇଁ ୬୪୯ ଯାନ



ଭୁବନେଶ୍ୱର, ୨୬।୧୧ (ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥି ପାଇଁ ମୋଟ ୧୨,୧୫୬ କୋଟି ଟଙ୍କାର ବ୍ୟୟବରାଦ ବିଧାନ ସଭାର ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଛି। ଚଳିତ ବର୍ଷ ସରକାରଙ୍କ ମୁଖ୍ୟ ପ୍ରାଥମିକତା ରହିଛି ବିକାଶିତ ଭାରତି ପାଇଁ ବିକଶିତ ଓଡ଼ିଶା। ଏଥିରେ ସାମାଜିକ ନ୍ୟାୟ, ଉନ୍ନତ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥା, ସହଜ ଓ ସମ୍ମାନପୂର୍ଣ୍ଣ ଜୀବନ, ମୌଳିକ ନାଗରିକ ସୁବିଦ୍ଧା, ରୋଜଗାର ସୃଷ୍ଟି ଓ କର୍ମ ନିଯୁକ୍ତି, ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତି, ଲୋକଙ୍କ ସରକାର ଓ ଅନ୍ନଦାତା, ନାରୀ ଶକ୍ତିକୁ ଗୁରୁତ୍ୱ ଦିଆଯାଇଛି। ଅତିରିକ୍ତ ବ୍ୟୟବରାଦରୁ ପ୍ରଶାସନିକ ଖର୍ଚ୍ଚ ୧୬୮୫ କୋଟି, କାର୍ଯ୍ୟକ୍ରମ ପାଇଁ ୧୦,୧୫୫ କୋଟି, ବିପର୍ଯ୍ୟୟ ମୁକାବିଲା ପାଣ୍ଠି ୧୨୦ କୋଟି, ରାଜ୍ୟରୁ ହସ୍ତାନ୍ତର ୧୯୬ କୋଟି ରହିଛି। ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ପାଇଁ ୧୨୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଧରତୀ ଆବା ଜନଜାତିୟ ଗ୍ରାମ ଉତ୍କର୍ଷ ଅଭିଯାନ ପାଇଁ ୯୨ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଅଧୀନରେ ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଆବଂଟନ ପାଇଁ ୧୪୨ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସିଏପିଏଫ ମୁତୟନ ପାଇଁ ୨୯୯ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ପୋଲିସ ଷ୍ଟେସନ ଓ ଫାଣ୍ଡିରେ ସିସିଟି ଭି ତନଖି ବ୍ୟବସ୍ଥା ସ୍ଥାପନ ପାଇଁ ୫୧ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ୨୨ ଟି ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୩୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ପରିକ୍ରମାର ବିସ୍ତୃତ ସୁବିଧା ବିକାଶ ପାଇଁ ୨୬ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ପାଇଁ ୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଅଗ୍ନିଶମ ସେବାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ୬୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଏଥିରେ ପ୍ରଶାସନିକ ବ୍ୟୟ କ୍ଷେତ୍ରରେ ମୋଟ ୧,୬୮୫ କୋଟ ଟଙ୍କା ବ୍ୟୟବରାଦ କରାଯାଇଛି । ବିଭିନ୍ନ ନିଯୁକ୍ତି ପରୀକ୍ଷା ଆୟୋଜନ ପାଇଁ ୧୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଥିବା ଅଣଆବାସିକ କୋଠାର ରକ୍ଷଣାବେକ୍ଷଣ ପାଇଁ ୧୩ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କୋଠ ଭୋଗ ଦାନ ଯୋଜନା ପାଇଁ ୧୫ କୋଟି ଟଙ୍କା ଅନୁଦାନ ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁମାନେ ରଥ ଚଢ଼ିନଥିବାରୁ ଦଇତାପତିଙ୍କୁ କ୍ଷତିପୂରଣ ବାବଦରେ ୧୨ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀଙ୍କୁ ପାରିଶ୍ରମିକ ବ୍ୟବସ୍ଥା ପାଇଁ ଅନୁଦାନ ବାବଦରେ ୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଓଡ଼ିଶା ବିଧାନସଭାର କୋଠା ନିର୍ମାଣ ପାଇଁ ୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ଆଇଏଏସ୍ ସୁଜାତା ପାଣ୍ଡିଆନଙ୍କ ଛୁଟି ଅଗ୍ରାହ୍ୟ

ଭୁବନେଶ୍ୱର, ୨୬।୧୧ (ମହାଭାରତ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚଳନ୍ତିପ୍ରତିମା ସାଜିଥିବା ଭି.କେ. ପାଣ୍ଡିଆନ୍‌ଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନଙ୍କର ଦ୍ୱିତୀୟ ବାର ଛୁଟି ନେବା ପ୍ରସ୍ତାବକୁ ରାଜ୍ୟ ସରକାର ଅଗ୍ରାହ୍ୟ କରିଦେଇଛନ୍ତି। ଗତ ନିର୍ବାଚନ ସମୟରେ ବିଜେଡିର ପରାଜୟ ପରେ ଶ୍ରୀମତୀ ପାଣ୍ଡିଆନ୍ ନିଜ ପିଲାଙ୍କର ପାଠପଢା ପାଇଁ ୬ ମାସ ଛୁଟି ନେଇଥିଲେ। ତାଙ୍କର ଛୁଟି ଆଜି ଶେଷ ହେଉଥିବାବେଳେ ସେ ପୁନର୍ବାର ଆଉ ୬ ମାସ ପାଇଁ ରାଜ୍ୟ ସରକାରଙ୍କୁ ଛୁଟି ମାଗି ଦରଖାସ୍ତ କରିଥିଲେ। କିନ୍ତୁ ରାଜ୍ୟ ସରକାର ତାଙ୍କର ଛୁଟି ଦରଖାସ୍ତକୁ ଅଗ୍ରାହ୍ୟ କରିଦେବା ସହିତ ଆସନ୍ତାକାଲି (୨୭ ତାରିଖ) କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି ତାଙ୍କୁ ଏକ ପତ୍ର ଲେଖି ଜଣାଇ ଦେଇଛନ୍ତି।



ନିର୍ବାଚନ ସମୟରେ ସୁଜାତା ମିଶନ ଶକ୍ତିର ସଚିବ ଓ ତାଙ୍କ ସ୍ୱାମୀ ଭି.କେ ପାଣ୍ଡିଆନ ୫-ଟି ସଚିବ ଭାବେ ସର୍ବଶକ୍ତିମାନ ସାଜି ବିଜେଡିକୁ ନିର୍ବାଚିତ କରିବା ପାଇଁ ସାରା ରାଜ୍ୟରେ ମିଶନ ଶକ୍ତି ଜରିଆରେ ଅର୍ଥ ବାଣ୍ଟିବା ନେଇ ଅଭିଯୋଗ ଆସିଥିଲା। ଯାହାଫଳରେ ସୁଜାତାଙ୍କୁ ମିଶନ ଶକ୍ତି ସଚିବ ପଦବୀରୁ ହଟାଯାଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଥିଲା।

ବିଜେଡିର ନିର୍ବାଚନୀ ବିପର୍ଯ୍ୟୟ ପରେ ପିଛିଲା ଭାବେ ମେ ୩୧ରୁ ୬ମାସ ଛୁଟିରେ ପଳାଇଥିବା ସୁଜାତା ପୁଣିଥରେ ନିଜର ଛୁଟିକୁ ଆଉ ୬ମାସ ବୃଦ୍ଧି ପାଇଁ କରିଥିବା ଆବେଦନକୁ ରାଜ୍ୟ ସରକାର ଖାରଜ କରିଛନ୍ତି। ଏହାସହିତ ଆସନ୍ତାକାଲି ଅର୍ଥାତ ନଭେମ୍ବର ୨୭ରୁ ଚାକିରିରେ ଯୋଗ ଦେବା ପାଇଁ ପରାମର୍ଶ ଦେଇଛନ୍ତି ସରକାର। ସୁଜାତା ନଭେମ୍ବର ୨୭ରୁ ଆଉ ୬ମାସ ପାଇଁ ଛୁଟିରେ ଯିବାକୁ ଗତ ଚଳିତ ମାସ ୪ତାରିଖରେ ମୁଖ୍ୟ ସଚିବଙ୍କୁ ଲିଖିତ ଅନୁରୋଧ କରିଥିଲେ। ତାଙ୍କୁ ଅଧିକ ଛୁଟି ଦେବା ପାଇଁ ସରକାର ରାଜି ନଥିବା ନେଇ ସୁଜାତାଙ୍କୁ ଲିଖିତ ଭାବେ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ମହାନ୍ତି ସୁଜାତାଙ୍କୁ ଜଣାଇ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ନଭେମ୍ବର ୨୭ରୁ କାର୍ଯ୍ୟରେ ଯୋଗ ଦେବାକୁ କହିଛନ୍ତି । ନବୀନ ପଟ୍ଟନାୟକ ସରକାରରେ ବିଜେଡିର ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା ଅଖଣ୍ଡ ପ୍ରଭାବର ଅଧିକାରିଣୀ ଥିଲେ। ମିଶନ ଶକ୍ତିର ସଚିବ ଭାବେ ତାଙ୍କୁ ଶକ୍ତିମାନ ମହିଳା ଆଇଏଏସ୍ ବୋଲି ମଧ୍ୟ କୁହାଯାଉଥିଲା। ସୁଜାତା ପୂର୍ବରୁ ଯେଉଁ ୬ ମାସ ଛୁଟି ନେଇଥିଲେ ଏହି ସମୟରେ ତାଙ୍କୁ ସମ୍ପୂର୍ଣ୍ଣ ଦରମା ମଧ୍ୟ ମିଳୁଥିଲା।

# ବିଧାନସଭାରେ ହଟ୍ଟଗୋଳ

ଭୁବନେଶ୍ୱର, ୨୬।୧୧ (ମହାଭାରତ): ଯାହା ଅନୁମାନ କରାଯାଉଥିଲା ସେୟା ହିଁ ହେଲା। ଆଜିଠୁ ଓଡିଶା ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହୋଇଥିବାବେଳେ ବିରୋଧୀ ପ୍ରବଳ ହଟ୍ଟଗୋଳ



କରିଥିଲେ। ଫଳରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ କରିଥିଲେ ବାଚସ୍ପତି। ଆଜି ଗୃହରେ ସର୍ବ ପ୍ରଥମେ ଛଅ ଜଣ ଦିବଙ୍ଗତ ବିଧାୟକ ମାନଙ୍କ ପାଇଁ ଶୋକ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ତାଙ୍କୁ ବାରମ୍ବାର ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ନିବେଦନ କରିବା ସତ୍ୱେ ଏହାର କୌଣସି ପ୍ରଭାବ ତାଙ୍କ ଉପରେ ପଡି ନ ଥିଲା । ଏହା ଫଳରେ ବାଚସ୍ପତି ଗୃହକୁ ୧୨.୨୫ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ଏହି କାରଣରୁ ଆଜି ପ୍ରଶ୍ନକାଳର କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା ।

ଶୋକ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ଡାକିଥିଲେ । ତଦନୁଯାୟୀ ମନ୍ତ୍ରୀ ଶ୍ରୀ ନାୟକ ମଧ୍ୟ ପ୍ରଶ୍ନର ଉତର ଦେବା ଆରମ୍ଭ କରିଥିଲେ। ହେଲେ ବିଭିନ୍ନ ପ୍ରସଙ୍ଗ ଉପରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଅନାହର ପ୍ରସଙ୍ଗ ନେଇ କଂଗ୍ରେସ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ଦାବି କରିଥିଲେ।

ଶୂନ୍ୟକାଳରେ ଗୃହରେ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ବିଧାନସଭା ପରିସରରେ ଥିବା ସମ୍ବିଧାନ ମୁଖବନ୍ଧରୁ ଧର୍ମ ନିରପେକ୍ଷ ଓ ସମାଜବାଦୀ ଶବ୍ଦ ନ ରହିବାରୁ ହଟ୍ଟଗୋଳ ପ୍ରଦର୍ଶନ କରିଥିଲେ ବିରୋଧୀ। ଗୃହରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତା ସ୍ୱାଇଁ ଏହି ପ୍ରସଙ୍ଗ ଉଠାଇଥିଲେ। ଏହାକୁ କଂଗ୍ରେସ ମଧ୍ୟ ସମର୍ଥନ ଜଣାଇଥିଲା। ପରେ ଉକ୍ତ ପ୍ରସଙ୍ଗକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବି ଘୋଷଣା କରିଥିଲେ ବାଚସ୍ପତି।

## ଭୁବନେଶ୍ୱରରେ 'ରୋଡ୍ ସୋ' କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୬।୧୧ (ମହାଭାରତ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣି ଥରେ ଭୁବନେଶ୍ୱରରେ ରୋଡ୍ ସୋ' କରିବେ। ଆସନ୍ତା ୨୯ ତାରିଖରେ ଏହି ଭବ୍ୟ ରୋଡ୍ ସୋ' ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଠାରୁ ରାଜଭବନ ପର୍ଯ୍ୟନ୍ତ ଆୟୋଜନ ହେବ। ଭାରତୀୟ ଜନତା ପାର୍ଟି (ବିଜେପି) ରାଜ୍ୟ ସଭାପତି ମନେମୋହନ ସାମଲ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ନଭେମ୍ବର ୨୯ ତାରିଖ ମଧ୍ୟାହ୍ନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଭୁବନେଶ୍ୱରରେ ପହଞ୍ଚିବେ। ସେହି ଦିନ ଅପରାହ୍ନ ୪.୧୫ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବେ। ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯିବ। ପ୍ରଧାନମନ୍ତ୍ରୀ ମୋଦୀ ବିମାନବନ୍ଦର ନିକଟରେ ଏକ ସାଧାରଣ ସଭାରେ ଯୋଗଦେବେ। ସାଧାରଣ ଜନତାଙ୍କୁ ସମ୍ବୋଧିତ କରିବେ ଏହା ପରେ ବିମାନବନ୍ଦରରୁ ରାଜଭବନ ଯାଏଁ ରୋଡ଼ ସୋ'। ଏହା ପରେ ଦଳୀୟ କାର୍ଯ୍ୟାଳୟକୁ ଆସିବେ। ଏହି ଅବସରରେ ସେ ବିଧାୟକ, ସାଂସଦ ଏବଂ ଦଳୀୟ ପଦାଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ୨ ଘଂଟା ଦଳୀୟ କାର୍ଯ୍ୟାଳୟରେ ରହିବା ସହ ସମସ୍ତଙ୍କ ସହ କଥା ହେବେ। ପରେ ସେ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଯୋଗ ଦେବେ।

## ବୁର୍ଲା ଭୀମସାରରୁ ନବଜାତ ଶିଶୁ ଚୋରି

ସମ୍ବଲପୁର, ୨୬।୧୧ (ମହାଭାରତ): ବୁର୍ଲା ଭୀମସାରରୁ ପୁଣି ନବଜାତ ଶିଶୁ ଚୋରି ଅଭିଯୋଗ। ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଏବଂ ହସ୍ପିଟାଲ (ଭୀମସାର)ରୁ ନବଜାତ ଶିଶୁପୁତ୍ର ଚୋରି ନେଇ ଅଭିଯୋଗ କରିଛନ୍ତି ଛତିଶଗଡ଼ର ଦମ୍ପତି। ପରିବାରର ଅଭିଯୋଗ ଅନୁସାରେ ମେଡିକାଲରେ ଜଣେ ଅଜଣା ମହିଳା ସେମାନଙ୍କ ସହ ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କରିଥିଲେ। ସେ ନବଜାତକୁ ନେଇ ଯାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ସିସିଟିଭି ଫୁଟେଜ୍ ଆଧାରରେ ମହିଳାଙ୍କୁ ଖୋଜୁଛି ପୁଲିସ। ମିଳିଥିବା ସୂଚନା ଅନୁସାରେ ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ବସନ ଥାନା ଅଞ୍ଚଳର ମୋହନ ଦାସଙ୍କ ପତ୍ନୀ ଗୀତା ଦାସ ଗତ ୨୪ ତାରିଖ ଦିନ ବୁର୍ଲା ଭୀମସାରର ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ଗତକାଲି ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ସେ ମେଡିକାଲରେ ଭର୍ତ୍ତି ହେବା ପରଠାରୁ ଜଣେ ଅଜ୍ଞାତ ମହିଳା ଆସି ସେମାନଙ୍କ ସହ ସମ୍ପର୍କ ଯୋଡ଼ିଥିଲେ ବୋଲି ପ୍ରସୂତି ମହିଳାଙ୍କ ସ୍ୱାମୀ ଅଭିଯୋଗରେ କହିଛନ୍ତି। ତେବେ ଆଜି ଅପରାହ୍ନରେ ଦମ୍ପତି ନିଜ ଛୁଆକୁ ଦେଖିବାକୁ ପାଇନଥିଲେ। ଛୁଆର ମାଆଙ୍କୁ ପଚାରିବାରୁ ଅଜ୍ଞାତ ମହିଳା ଜଣକ ତାକୁ ଧରିଥିଲେ ବୋଲି ସେ କହିଥିଲେ।

# ବିପର୍ଯ୍ୟୟ ପ୍ରତିରୋଧୀ ସ୍ଥାୟୀ ଭିତ୍ତିଭୂମି ବିକାଶକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୬।୧୧ (ମହାଭାରତ): ବାତ୍ୟା ଦାନା ପ୍ରଭାବରେ ଘଟିଥିବା କ୍ଷୟକ୍ଷତି ଆକଳନ କରିବା ପାଇଁ ଆସିଥିବା ଆନ୍ତଃ-ମନ୍ତ୍ରାଳୟ କେନ୍ଦ୍ରୀୟ ଟିମ୍ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟର ଯୁଗ୍ମ ସଚିବ ପିକେ ରାଏଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ୨୪ ତାରିଖରେ ଆସି ସବୁଠୁ ଅଧିକ କ୍ଷତିଗ୍ରସ୍ତ ଭଦ୍ରକ, କେନ୍ଦ୍ରାପଡା ଓ ବାଲେଶ୍ୱର ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କ୍ଷୟକ୍ଷତିର ଭରଣା ପାଇଁ ସହାୟତା ସହିତ ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ଥାୟୀ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ପ୍ରତିବର୍ଷ ବାତ୍ୟା, ବନ୍ୟା ପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିଆସୁଛି। ଲୋକଙ୍କ ଜୀବନ ବଞ୍ଚାଇବାରେ ସରକାର ସଫଳ ହେଉଥିବା ବେଳେ ବିଭିନ୍ନ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହେଉଛି। ଏହାର ପୁନଃ ନିର୍ମାଣ ପାଇଁ ବ୍ୟାପକ ଅର୍ଥ ବିନିଯୋଗ କରିବାକୁ ପଡୁଛି। ତେଣୁ ବିପର୍ଯ୍ୟୟ ପ୍ରତିରୋଧୀ ସ୍ଥାୟୀ ଭିତ୍ତିଭୂମିର ବିକାଶ କରାଯିବାର ଆବଶ୍ୟକତା ରହିଛି। ଉପକୂଳବର୍ତ୍ତୀ ଜିଲ୍ଲାରେ ଭୂତଳ ବିଦ୍ୟୁତ କେବୁଲ ସ୍ଥାପନ, ଉପକୂଳରେ ବନ୍ଧ ନିର୍ମାଣ, ବ୍ୟାପକ ହେନ୍ତାଳ ବନ ସୃଷ୍ଟି ଆଦି ପଦକ୍ଷେପ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ମତ ରଖିଥିଲେ। ଏ ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ସହଯୋଗ ଯୋଗାଇ ଦେବା ପାଇଁ ସେ ପ୍ରସ୍ତାବ ରଖିଥିଲେ।

ଆଲୋଚନାରେ ଅଂଶଗ୍ରହଣ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରାଯାଇ ପାରିଲେ ଓଡ଼ିଶା ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ।

ପରେ ଶ୍ରୀ ପୂଜାରୀ କହିଛନ୍ତି, ବିପର୍ଯ୍ୟୟ ବେଳେ କ୍ଷୟକ୍ଷତି ହ୍ରାସ ଲାଗି ଦୀର୍ଘକାଳୀନ ଯୋଜନା ଦାବି କରିଛୁ। ବାତ୍ୟା, ବନ୍ୟା ନିରୋଧି ଗୃହ ନିର୍ମାଣ ଲାଗି କେନ୍ଦ୍ରକୁ ପ୍ରସ୍ତାବ ଦେଇଛୁ। ଉପକୂଳ ଜିଲ୍ଲାରେ ହେନ୍ତାଳ ବଣ ସୃଷ୍ଟି ପାଇଁ ପ୍ରସ୍ତାବ ଦେଇଛୁ। ଓଡ୍ରାଫକୁ ଆଧୁନିକୀକରଣ କରିବାକୁ ମଧ୍ୟ ସହଯୋଗ ଲୋଡିଛୁ। ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ ଆସିଲେ ଦାବି ଦୋହରାଇବୁ ବୋଲି ସୁରେଶ ପୂଜାରୀ କହିଛନ୍ତି।

ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୭ରେ 'ସୁଭଦ୍ରା' ପ୍ରଥମ କିସ୍ତିର ଶେଷ ପର୍ଯ୍ୟାୟ ଟଙ୍କା

ଭୁବନେଶ୍ୱର, ୨୬।୧୧ (ମହାଭାରତ): ଆସନ୍ତା ମାର୍ଚ୍ଚ ୭ ତାରିଖରେ ସୁଭଦ୍ରା ପ୍ରଥମ କିସ୍ତିର ଶେଷ ପର୍ଯ୍ୟାୟ ଟଙ୍କା ଲୋକଙ୍କ ଆକାଉଣ୍ଟକୁ ଯିବ ଏବଂ ମାର୍ଚ୍ଚ ୮ ତାରିଖରୁ ଦ୍ୱିତୀୟ କିସ୍ତି ଟଙ୍କା ମିଳିବ। ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ହିତାଧିକାରୀମାନେ ବ୍ୟସ୍ତ ହୁଅନ୍ତୁ ନାହିଁ। ଯାହାର ଆଧାର କାର୍ଡ ସହ ରାସନ୍ କାର୍ଡ ମ୍ୟାଚ୍ ନାହିଁ, ସେମାନେ ବ୍ୟାଙ୍କରେ ଆଧାର ଲିଙ୍କ କଲେ, ସେମାନଙ୍କୁ ସୁଭଦ୍ରା ଟଙ୍କା ମିଳିବ ବୋଲି ସୂଚନା ଦେଇଛନ୍ତି ପ୍ରଭାତୀ ପରିଡ଼ା। ଅନ୍ୟପଟେ ବଣ୍ଡା ଘାଟିରେ ସୁଭଦ୍ରା ଯୋଜନାରୁ ବଞ୍ଚିତ ମହିଳାଙ୍କ ପାଖକୁ ବିଭାଗୀୟ ଅଧିକାରୀ ଯାଇ, ସେମାନଙ୍କୁ ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ସୂଚନା ଦେଇଛନ୍ତି ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ଏବେ ଆବେଦନ ଲାଗି ସମୟ ଅଛି। ଏଣୁ ବ୍ୟସ୍ତ ହେବାର କିଛି ନାହିଁ। ତେବେ ୨ ଲକ୍ଷ ୬୭ ହଜାର ଅଯୋଗ୍ୟଙ୍କ ଭିତରୁ ଯେଉଁମାନଙ୍କର ଭୁଲ୍ ହେଇଥିଲା, ସେମାନଙ୍କର ରିଭ୍ୟୁ ଚାଲିଛି। ୨୨ ପ୍ରତିଶତ କାମ ସମାଧାନ ହେଇସାରିଛି, ଏବେ କେବଳ ଭେରିଫିକେସନ୍ ପରେ ସେମାନେ ଟଙ୍କା ପାଇବେ।

## 'ଫୁଲକୋବି ଖିରି'

**ପରିବାରୁ ବି ହୋଇପାରେ ଖିରି। ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ। ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ।**

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଲ୍କମେଡ୍ ଲୁଣ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ। ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ। କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ। ଏହାପରେ ଏଥିରେ ମିଲ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ 'ଫୁଲକୋବି ଖିରି'।



.... ପରଦା ଖବର ......

# ଏଆର ରହମାନଙ୍କ ସହ ଲିଙ୍କ୍ ଚର୍ଚ୍ଚା, ନୀରବତା ଭାଙ୍ଗିଲେ ମୋହିନୀ ଦେ

ବେସ୍ ବାଦକ ମୋହିନୀ ଦେ ଭଙ୍ଗିଛନ୍ତି ନୀରବତା। ଏଆର ରହମାନଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ହେଉଥିବା ଚର୍ଚ୍ଚା ମଧ୍ୟରେ ସେ ମୁହଁ ଖୋଲିଛନ୍ତି। ଏଥିସହ ନେଟିଜେନ୍ସଙ୍କୁ କିଛି ଅନୁରୋଧ କରିଛନ୍ତି ମୋହିନୀ ଦେ।ବିବାହର ୩୦ ବର୍ଷ ପରେ ବିଶିଷ୍ଟ ମ୍ୟୁଜିସିଆନ ଏଆର ରହମାନଙ୍କ ଛାଡପତ୍ର ସହ ମୋହିନୀ ଦେଙ୍କର ଲିଙ୍କ୍ ଥିବା ଚର୍ଚ୍ଚା ହେଉଛି। ରେହମାନଙ୍କ ଛାଡ଼ପତ୍ର ପାଇଁ ମୋହିନୀଙ୍କୁ ଦାୟୀ କରି ସୋଶାଲ ମିଡିଆରେ କିଛି ଆପତ୍ତିଜନକ ପୋଷ୍ଟ କରାଯାଉଥିଲା। ଏହାକୁ ନେଇ ମୁହଁ ଖୋଲିଛନ୍ତି ମୋହିନୀ। ଇନଷ୍ଟାଗ୍ରାମରେ ପୋଷ୍ଟ ଶେଆର କରି ସେ ଏସବୁ ଚର୍ଚ୍ଚାକୁ ଖଣ୍ଡନ





କରିଛନ୍ତି।ସେ କହିଛନ୍ତି ଯେ ଏଆର ରେହମାନ ତାଙ୍କ ପାଇଁ ପିତୃତୁଲ୍ୟ। ସେ ତାଙ୍କ ମ୍ୟୁଜିକରେ ବେସ୍ ବାଦକ ଭାବେ ୮.୫ ବର୍ଷ କାମ କରିଛନ୍ତି। ପାଞ୍ଚ□ ବର୍ଷ ହେବ ଆମେରିକା ଚାଲିଗଲେଣି। ଦୟାକରି ଏପରି ଗୁଜବ ସୃଷ୍ଟି ନ କରିବାକୁ ନେଟିଜେନ୍ସଙ୍କୁ ଅନୁରୋଧ କରିଛନ୍ତି ମୋହିନୀ ଦେୟସେ ଆହୁରି କହିଛନ୍ତି, ଏଆର ରେହମାନ ମୋ ବାପାଙ୍କ ଠାରୁ ବୟସରେ ସାନ ହେଲେ ମଧ୍ୟ ସେ ମୋ ପାଇଁ ବାପା ସଦୃଶ। ତାଙ୍କ ଝିଅ ବି ମୋ ବୟସର ହେବେ। ଏପରି ସମ୍ବେଦନଶୀଳ ଘଟଣା ପ୍ରତି ଲୋକଙ୍କର ସମ୍ମାନ କିମ୍ବା ସହାନୁଭୂତି ନ ଥିବା ଦେଖି ଦୁଃଖ ଲାଗୁଛି। ଦୟାକରି ଗୋପନୀୟତା ରକ୍ଷା କରନ୍ତୁ। ଏପରି ଗୁଜବ ପ୍ରଚାର କରନ୍ତୁ ନାହିଁ।

## ସରଳ ଉପାୟରେ ପୂରଣ ହେବ ମନସ୍କାମନା




ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।

ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ୍ୟ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

# ଝାଡୁ ସହ ଜଡିତ ନିୟମ : ପାଳନ କଲେ ହେବ ଧନବର୍ଷା

ଝାଡୁର ବ୍ୟବହାର ପ୍ରତ୍ୟେକ ଘରେ କରାଯାଏ। ଘରକୁ ସଫାସୁତୁରା କରିବା ପାଇଁ ବ୍ୟବହାର କରାଯାଉଥିବା ଝାଡୁରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି ବୋଲି ମାନ୍ୟତା ରହିଛି। ତେଣୁ ଶାସ୍ତ୍ରରେ ଝାଡୁକୁ ନେଇ ଅନେକ ନିୟମ ମଧ୍ୟ ବର୍ଣ୍ଣନା କରାଯାଇଛି। ଝାଡୁ ସହ ଜଡିତ କିଛି ନିୟମ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ। ଏହି ନିୟମର ପାଳନ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ଥିବା ସମସ୍ୟା ଦୂର ହୋଇ ଧନଲାଭ ହୋଇଥାଏ।

ଝାଡୁ କିଣିବା ପୂର୍ବରୁ କିମ୍ବା ଫୋପାଡିବା ପୂର୍ବରୁ ବାରର ଗୁରୁତ୍ୱ ରହିଛି। ଝାଡୁ ସହ ଜଡିତ ନିୟମର ପାଳନ କରିବା ଦ୍ୱାରା ଧନପ୍ରାପ୍ତି ହୋଇଥାଏ ବୋଲି



କୁହାଯାଏ। ଜାଣନ୍ତୁ..

ପୁରୁଣା ଝାଡୁକୁ କଦାପି ଗୁରୁବାର କିମ୍ବା ଶୁକ୍ରବାର ଏହାକୁ ଫିଙ୍ଗିବା ଉଚିତ ନୁହେଁ। ଏହି ଦିନ ମା'ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ଏହିଦିନ ଝାଡୁକୁ ବାହାରେ ଫିଙ୍ଗିବା ଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାଆନ୍ତି। ଝାଡୁରେ କଦାପି ଗୋଡ ମାରନ୍ତୁ ନାହ।ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଝାଡୁ କିଣିବା ପାଇଁ ମଙ୍ଗଳବାର ଓ ଶନିବାର ଦିନ ଖୁବ ଶୁଭୟ ଏହାଦ୍ୱାରା ବ୍ୟକ୍ତିଙ୍କ ଆର୍ଥିକ ସ୍ଥିତିରେ ଶୁଭ ପରିବର୍ତ୍ତନ ହୋଇଥାଏୟ ଘରେ ସମ୍ପନତା ଆସିଥାଏ। ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ। କୃଷପକ୍ଷରେ ଝାଡୁ କିଣିବା ଶୁଭଙ୍କର ବୋଲି କୁହାଯାଏ।

ଝାଡୁକୁ ସର୍ବଦା ଏପରି ସ୍ଥାନରେ ରଖନ୍ତୁ,ଯେପରି ଏହା ଉପରେ କାହାରି ନଜର ପଡିବ ନାହିଁ। ଝାଡୁକୁ ଭୁଲରେ ମଧ୍ୟ ଖଟ ତଳେ ରଖନ୍ତୁ ନାହ। ସୂର୍ଯ୍ୟୋସ୍ତ ପରେ ଘରେ କଦାପି ଝାଡୁ କରନ୍ତୁ ନାହିଁ। ଏହାଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାଆନ୍ତି।

# ଶରୀରରେ ରକ୍ତ ଅଭାବକୁ ଦୂର କରେ କିସମିସ୍

ଶରୀରରେ ହେମୋଗ୍ଲୋବିନର ପରିମାଣ କମ୍ ହେଲେ, ବ୍ୟକ୍ତିକୁ ଅନେକ ରୋଗ ଘେରି ରହିଥାଏ। କିଡନୀ ସହିତ ଜଡିତ ଅଧିକାଂଶ ରୋଗ ରକ୍ତ ଅଭାବରୁ ହୋଇଥାଏ। ଯଦି ଆପଣଙ୍କ ଶରୀରରେ ମଧ୍ୟ ରକ୍ତ ଅଭାବ ଥାଏ, ତେବେ ରକ୍ତ ବଢାଇବା ପାଇଁ ଆପଣ କେବଳ ଔଷଧ ବ୍ୟବହାର କରିବା ଜରୁରୀ ନୁହେଁ । ଆପଣ କିଛି ଘରୋଇ ଉପଚାରକୁ ଆପଣେଇ ଶରୀରରେ ହେମୋଗ୍ଲୋବିନର ଅଭାବକୁ ମଧ୍ୟ ସଂପୂର୍ଣ୍ଣ କରିପାରିବେ। ଏପରି ଏକ ପ୍ରଭାବଶାଳୀ ଉପଚାର ହେଉଛି ଭିଜା ହୋଇଥିବା କିସମିସ୍। ଭିଜା ହୋଇଥିବା କିସମିସରେ ଆଇରନ୍, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଫାଇବର ଭରପୂର ମାତ୍ରାରେ ଥାଏ। ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତ ପରିମାଣ ବଢିଥାଏ ଏବଂ ରକ୍ତହୀନତା ଦୂର ହୋଇଥାଏ। ଏଥିପାଇଁ ଆପଣ ପ୍ରତିଦିନ ରାତିରେ ୫୦ ଗ୍ରାମ କିସମିସକୁ ଭିଜାଇ



ଦିଅନ୍ତୁ। ସକାଳେ ଉଠିବା ପରେ ପ୍ରଥମେ କିସମିସ୍ ପାଣି ପିଅନ୍ତୁ ଏବଂ ପରେ କିସମିସ୍ ଖାଆନ୍ତୁ। ଭିଜାଇଥିବା କିସମିସ୍ ସହିତ ଏହାର ଜଳ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ ହୋଇଥାଏ।

**ଭିଜା ହୋଇଥିବା କିସମିସ୍ ଖାଇବାର ଫାଇଦା :**

(୧): ଭିଜା ହୋଇଥିବା କିସମିସ୍ ଫାଇବରରେ ଭରପୂର ହୋଇଥାଏ, ଏହାକୁ ନିୟମିତ ଖାଇବା ଦ୍ୱାରା ହଜମ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

(୨): ଭିଜା ହୋଇଥିବା କିସମିସ୍ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରେ। ଏହା ଜୀବାଣୁ ଏବଂ ସଂକ୍ରମଣ ସହିତ ଲଢିବାରେ ମଧ୍ୟ ସାହାଯ୍ୟ କରିଥାଏ।

(୩): ଦାନ୍ତ ଏବଂ ହାଡକୁ ଶକ୍ତିଶାଳୀ ରଖିବା ପାଇଁ କ୍ୟାଲସିୟମ ଆବଶ୍ୟକ। ତେଣୁ କିସମିସ୍ ଦାନ୍ତ ଏବଂ ହାଡ ପାଇଁ ମଧ୍ୟ ଖାଇପାରିବେ। ୧୦୦ ଗ୍ରାମ୍ କିସମିସ୍ ଭିତରେ ପ୍ରାୟ ୫୦ ମିଗ୍ରା କ୍ୟାଲସିୟମ୍ ଥାଏ। ଯାହା ଆପଣଙ୍କ ଦାନ୍ତ ଏବଂ ହାଡକୁ ଶକ୍ତିଶାଳୀ କରିବା ପାଇଁ କାମ କରେ।

(୪): କିସମିସ୍ ଖାଇବା ଦ୍ୱାରା ପାଟିରୁ ଆସୁଥିବା ଗନ୍ଧ ମଧ୍ୟ ଦୂର ହୋଇଥାଏ।

(୪): ଯଦି ଆପଣଙ୍କର ଓଜନ ବୃଦ୍ଧି ହେଉନାହିଁ, ତେବେ ଭିଜାଇଥିବା କିସମିସ୍ ଖାଆନ୍ତୁ। ଏହାକୁ ଖାଇବା ଦ୍ୱାରା ସହଜରେ ଓଜନ ବୃଦ୍ଧି ହୋଇଥାଏ।

# କର୍କଟ ରୋଗରୁ ଦୂରେଇ ରଖିଥାଏ କାଙ୍କଡ

ବର୍ଷା ଦିନରେ କାଙ୍କଡ ମିଳିଥାଏ। ଏହି ପରିବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ। ବର୍ଷା ଦିନେ ମିଳୁଥିବା ଏହି ପରିବାକୁ ନିଜ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ। ପୋଷକତତ୍ତ୍ୱ□ରେ ଭରପୁର କାଙ୍କଡ ଶରୀରକୁ ଅନେକ



ରୋଗରୁ ରକ୍ଷା କରିଥାଏ। ଏଥିରେ ଫାଇବର,ଭିଟାମିନ ବି ୬ ଆଦି ପର୍ଯ୍ୟାପ୍ତ ପରିମାଣରେ ରହିଛି। ଜାଣନ୍ତୁ କାଙ୍କଡ ଖାଇଲେ କି କି ଲାଭ ମିଳେ..

କାଙ୍କଡରେ ଭିଟାମିନ ସି ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିବାରେ ସହାୟକ ହୋଇଥାଏ। ଫଳରେ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏହି ପରିବାରେ ଫାଇବର, ଭିଟାମିନ୍ ବି୬ ଆଦି ପୋଷକତତ୍ତ୍ୱ ଭରପୁର ମାତ୍ରାରେ ରହିଛି।ଏହି ପରିବାକୁ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ପାଚନ ଜନିତ ସମସ୍ୟା ଦୂର ହୋଇଥାଏ। ଶରୀରରେ କୋଲେଷ୍ଟେରୋଲ୍ ମାତ୍ରା ନିୟନ୍ତ୍ରଣ ହୋଇ ରହିଥାଏ।

କାଙ୍କଡରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଯାହା ତ୍ୱଚାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏହା ବ୍ରଣ ଓ କୁଞ୍ଚନ ସମସ୍ୟାରୁ ରକ୍ଷା କରିଥାଏ।

ଯେଉଁ ମାନଙ୍କର ମଧୁମେହ ସମସ୍ୟା ରହିଛି,ସେମାନଙ୍କ ପାଇଁ କାଙ୍କଡ ବେଶ ଉପକାରୀ। ଏଥିରେ ଥିବା ଫାଇବର ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ ରଖିଥାଏ। ମଧୁମେହ ରୋଗୀ ନିଜ ଖାଦ୍ୟରେ କାଙ୍କଡ ନିଶ୍ଚୟ ସାମିଲ କରନ୍ତୁ।

କାଙ୍କଡ ଓଜନ ହ୍ରାସ କରିବାରେ ବେଶ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ଅଧିକ ସମୟ ଯାଏଁ ପେଟ ଭର୍ତ୍ତି କରି ରଖିଥାଏ। ଫଳରେ ବାରମ୍ବାର ଖାଦ୍ୟ ଖାଇବାକୁ ଇଚ୍ଛା ହୋଇନଥାଏ।

ନିୟମିତ ଭାବେ କାଙ୍କଡ ସେବନ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ କର୍କଟ ରୋଗ ହେବାର ସମ୍ଭାବନାକୁ କମ୍ କରିଥାଏ।

## ସହନଶୀଳତା

ସହନଶୀଳତାକୁ ଯଦି ଜଣେ ଦୁର୍ବଳତା ବୋଲି ଭାବିବ ତେବେ ଭୁଲ ହେବ। ହିନ୍ଦୁ ସମ୍ପ୍ରଦାୟର ସହନଶୀଳତାକୁ ଅନ୍ୟମାନେ ଦୁର୍ବଳତା ବୋଲି ବିଚାର କରି ଏଥିରୁ ଫାଇଦା ଉଠାଇବାକୁ ପ୍ରୟାସ କରନ୍ତି। କେବଳ ସହନଶୀଳ ନୁହେଁ, ହିନ୍ଦୁମନେ ନିଜ ଶତ୍ରୁକୁ ମଧ୍ୟ ବିଶ୍ୱାସ କରନ୍ତି ଏବଂ ତାଙ୍କ କଥାକୁ ଭରସା କରନ୍ତି। ଏଥିପାଇଁ ହିନ୍ଦୁମାନଙ୍କୁ ଅତୀତରେ ଅନେକ ମୂଲ୍ୟ ଦେବାକୁ ପଡ଼ିଛି। ବିଶ୍ୱାସରେ ବିଷ ଦେଇ ଅନେକ ଭାରତକୁ ଲୁଣ୍ଠନ କରିଛନ୍ତି, ଭାରତୀୟଙ୍କୁ ଶାସନ କରିଛନ୍ତି। ଏବେ କାନାଡ଼ାରେ କିଛି ବିଚ୍ଛିନ୍ନତାବାଦୀ ବା ଖଲିସ୍ତାନ ସମର୍ଥକ ଭାରତୀୟଙ୍କୁ ଆକ୍ରମଣ କରୁଥିବା ଦେଖାଯାଉଛି। କେବଳ କାନାଡ଼ା ନୁହେଁ, ଆମେରିକରେ ମଧ୍ୟ ଏହା ଘଟୁଛି। ଖଲିସ୍ତାନ ସମର୍ଥକ ଆତଙ୍କବାଦୀ, ବିଚ୍ଛିନ୍ନତାବାଦୀ ଶିଖ ଧର୍ମାବଲମ୍ବୀମାନେ ବିଭିନ୍ନ ସ୍ଥାନରେ ଥିବା ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରି ଭଙ୍ଗାରୁଜା କରିବା ସହିତ ହିନ୍ଦୁମାନଙ୍କୁ ଆକ୍ରମଣ କରୁଛନ୍ତି। ଗତ ସପ୍ତାହରେ କାନାଡ଼ାରେ ଏଭଳି ଏକ ଘଟଣା ଘଟିଛି। କିଛି ଶିଖ ଧର୍ମାବଲମ୍ବୀ ଏକ ମନ୍ଦିରରେ ଯୋରଜବରଦସ୍ତ ପ୍ରବେଶ କରି ଭଙ୍ଗାରୁଜା କରିବା ସହ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିଥିଲେ। ବିନା କାରଣରେ ସେମାନେ ଏଭଳି କାଣ୍ଡ କରିଥିଲେ। ହିନ୍ଦୁମାନଙ୍କ ପ୍ରତି ଅସହିଷ୍ଣୁତା କାରଣରୁ ସେମାନେ ଏଭଳି କରିଛନ୍ତି। ଏହା କାନାଡ଼ାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ପ୍ରମାଣିତ କରୁଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଅନ୍ୟ ପକ୍ଷରେ ଏହି ଘଟଣାର ପ୍ରତିବାଦରେ କିଛି ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତି ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ସେମାନଙ୍କୁ ସ୍ଥାନୀୟ ପୋଲି ପିଟିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଯଦି ଭାରତରେ ଘଟିଥାଆନ୍ତା ତେବେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ବଡ଼ ପାଟିରେ ସମାଲୋଚନା କରିସାରନ୍ତେଣି। ଅନ୍ୟକୁ ସମାଲୋଚନା କରିବା ଭାରି ସହଜ, କିନ୍ତୁ ଆତ୍ମସମୀକ୍ଷା କରିବା କଷ୍ଟକର। ଭାରତୀୟମାନେ ଗଣତାନ୍ତ୍ରିକ ଚିନ୍ତାଧାରା ସମ୍ପନ୍ନ ଏବଂ ସହନଶୀଳ। ସେଥିପାଇଁ ଭାରତ ପ୍ରତି ଅଙ୍ଗୁଳି ଉଠାଇବାକୁ ଅନେକ ସାହସ କରୁଛନ୍ତି। କାନାଡ଼ାରେ ଏଭଳି ଘଟଣାରେ ଗ୍ରେଟା ଥନବର୍ଗ କାହିଁକି ପ୍ରତିକ୍ରିୟା ପ୍ରକାଶ କରୁ ନାହାଁନ୍ତି ? କାନାଡ଼ାରେ ଅନେକ ହିନ୍ଦୁ ଏବଂ ଶିଖ ସମ୍ପ୍ରଦାୟ ଲୋକ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅନେକ କାନାଡ଼ାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। କିନ୍ତୁ ସେମାନଙ୍କ ଆତ୍ମା ଏବେ ବି ଭାରତରେ ରହିଛି। ଭାରତର ରାଜନୈତିକ ଗତିବିଧି ଉପରେ ସେମାନେ ବରାବର ନଜର ରଖିଥାଆନ୍ତି। ଏହା ଉପରେ ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରନ୍ତି। ଅଶୀ ଦଶକରେ ଭାରତରେ ଯେତେବେଳେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀମାନେ ସକ୍ରିୟ ହେଲେ ସେତେବେଳେ କାନାଡ଼ାରେ ବସବାସ କରୁଥିବା ଶିଖ ସମ୍ପ୍ରଦାୟ ସେମାନଙ୍କୁ ସମର୍ଥନ ଏବଂ ସହାୟତା କରିଥିଲେ। ସେତେବେଳେ କାନାଡ଼ା ସରକାର ଏଥିପ୍ରତି ଆଖି ବୁଜି ଦେଇଥିଲେ। ଏହାର ଫଳସ୍ୱରୂପ କାନାଡ଼ା ଆଜି ଖଲିସ୍ତାନୀଙ୍କ ଭୂସ୍ୱର୍ଗ ପାଲଟିଯାଇଛି। କନିଷ୍କ ବିମାନ ଦୁର୍ଘଟଣା ଏହାର ପରିଣାମ। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଭଳି ଏହି ଘଟଣା ସବୁଦିନ ପାଇଁ ଭାରତ ଇତିହାସରେ ଏକ କଳଙ୍କିତ ଘଟଣା ହୋଇ ରହିବ। କାନାଡ଼ାରେ ବସବାସ କରୁଥିବା ସବୁ ଶିଖ ଧର୍ମାବଲମ୍ବୀ ଭାରତ ବିରୋଧୀ ନୁହଁନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କୁ ଦେଶବିରୋଧୀମାନେ ବିଭ୍ରାନ୍ତ କରିଛନ୍ତି। ଆଜିକୁ ଶହ ଶହ ବର୍ଷ ହେବ ଶିଖ ଧର୍ମାବଲମ୍ବୀମାନେ ହିନ୍ଦୁମାନଙ୍କୁ ସୁରକ୍ଷା ପ୍ରଦାନ କରିଆସିଛନ୍ତି। କେବେ ହିନ୍ଦୁ-ଶିଖ ଧାର୍ମିକ ବିଦ୍ୱେଷ ସୃଷ୍ଟି ହୋଇନି।

# ଇଣ୍ଡିଆନ ଜଷ୍ଟିସ୍ ରିପୋର୍ଟ-୨୦୨୨

॥ ଗୋପାଳ ମହାପାତ୍ର ॥


*“ ଗତ ଏପ୍ରିଲ ମାସ ୪ ତାରିଖରେ ଆଇଜେଆର-୨୦୨୨ ରିପୋର୍ଟ ଜାରି କରାଯାଇଥିଲା । ଏଥିରେ କୁହାଯାଇଛି ଯେ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ଛାଡ଼ି କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସେମାନଙ୍କ ବାର୍ଷିକ ବ୍ୟୟର ୧ ପ୍ରତିଶତରୁ ଅଧିକ ଅର୍ଥ ନ୍ୟାୟପାଳିକା ପାଇଁ ବ୍ୟୟ କରୁନାହାଁନ୍ତି । ହାଇକୋର୍ଟ ମାନଙ୍କରେ ନ୍ୟାୟାଧିଶ/ବିଚାରପତିଙ୍କ ପଦ ପୂରଣ କରାଯାଉନାହିଁ ।*


ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁଛି ନା ନାହିଁ ? ଏହି ପ୍ରଶ୍ନର ସଠିକ୍ ଉତ୍ତର ପାଇବା କଷ୍ଟକର, କାରଣ ଏହି ପ୍ରସଙ୍ଗରେ ଭାରତର ଡାଟାବେସ୍ (ତଥ୍ୟ) ସହଜରେ ଉପଲବ୍ଧ ହେଉନାହିଁ । କିନ୍ତୁ ଇଣ୍ଡିଆନ ଜଷ୍ଟିସ୍ ରିପୋର୍ଟ (ଆଇଜେଆର)-୨୦୨୨ ୧୦୨ ସୂଚକାଙ୍କକୁ ଜୋଡ଼ି ରାଜ୍ୟମାନଙ୍କର ନ୍ୟାୟ ପ୍ରଦାନ କରିବାର କ୍ଷମତାକୁ ର୍‍ୟାକିଙ୍ଗ କରିଛନ୍ତି । ଏହି ଆଇଜେଆର ରିପୋର୍ଟ ଅନୁସାରେ ନ୍ୟାୟ ପାଇଁ ମୁଖ୍ୟତଃ ୪ଟି କଥାକୁ ଗୁରୁତ୍ୱ ଦିଆଯାଇଛି । ସେଗୁଡ଼ିକ ହେଉଛି ପୋଲିସ୍, ନ୍ୟାୟପାଳିକା, ଜେଲ ଓ ଆଇନ ସହାୟତା (ଲିଗାଲଏଡ୍) । ଏସବୁର ଆଧାରରେ ରାଜ୍ୟମାନଙ୍କୁ ର୍‍ୟାକିଙ୍ଗ୍ କରାଯାଇଛି । ଏହି ରିପୋର୍ଟରେ କର୍ଣ୍ଣାଟକକୁ ପ୍ରଥମ ସ୍ଥାନରେ ସ୍ଥାନୀତ କରାଯାଇଛି । ମଜାଦାର କଥା ହେଉଛି ପ୍ରଥମ ୬ଟି ସ୍ଥାନ ମଧ୍ୟରୁ ୫ଟି ସ୍ଥାନରେ ରହିଛନ୍ତି ଦକ୍ଷିଣ ଭାରତର ରାଜ୍ୟମାନେ । କିନ୍ତୁ ଏହି ସ୍ଥାନ ସ୍ଥାୟୀ ନୁହେଁ । ଆଇଜେଆର-୨୦୨୨ର ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ହେଉଛି ନିରନ୍ତର ଅବସ୍ଥା ସୁଧୁରିଲେ ର୍‍ୟାଙ୍କିଙ୍ଗରେ ମଧ ପରିବର୍ତ୍ତନ ହୋଇପାରେ ବା ଅନ୍ୟଅର୍ଥରେ ର୍‍ୟାଙ୍କିଙ୍ଗ୍‌ର ତଳ ସ୍ତରରେ ଥିବା ରାଜ୍ୟରେ ଅବସ୍ଥା ସୁଧୁରିଲେ ସେଇ ରାଜ୍ୟ ମଧ ପ୍ରଥମ ସ୍ଥାନକୁ ଆସିପାରେ । ଏହି କାରଣରୁ ୧୩ଟି ପାହାଚ ବା ସ୍ଥାନ ଡେଇଁ କର୍ଣ୍ଣାଟକ ପ୍ରଥମ ସ୍ଥାନ ହାସଲ କରି ପାରିଛି ବୋଲି ଆଇଜେଆର ରିପୋର୍ଟରେ କୁହାଯାଇଛି । ଆଇଜେଆର ରିପୋର୍ଟ-୨୦୨୦ରେ କର୍ଣ୍ଣାଟକ ୧୪ଶ ସ୍ଥାନରେ ଥିଲା ହେଲେ ୨୦୨୨ରେ ଏହି କର୍ଣ୍ଣାଟକକୁ ପ୍ରଥମରେ ସ୍ଥାନୀତ କରାଯାଇଛି । ନ୍ୟାୟ ବ୍ୟବସ୍ଥା ଉପରେ ରିପୋର୍ଟରେ ବିସ୍ତୃତ ଉଲ୍ଲେଖ ରହିଛି ଏବଂ ଏଥିରୁ ଗରୀବ ଲୋକଙ୍କୁ କାହିଁକି ଓ କିପରି ନ୍ୟାୟ ମିଳୁନାହିଁ ସେ କଥା ସ୍ପଷ୍ଟ ଜଣାପଡ଼ିଯାଉଛି ।

ଆଇଜେଆର-୨୦୨୨ର ପ୍ରସ୍ତାବନାରେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ୟୁ ୟୁ ଲଳିତ ତାଙ୍କ ମତାମତ ରଖିଛନ୍ତି । ପୂର୍ବତନ ମୁଖ୍ୟ ବିଚାରପତି ମଧ ନ୍ୟାୟ ମିଳିବା ପ୍ରସଙ୍ଗରେ ଚିନ୍ତା ବ୍ୟକ୍ତ କରିଛନ୍ତି । ଭାରତରେ ଜେଲ ମାନଙ୍କରେ ଯେତେ ଲୋକ ଅଛନ୍ତି ସେମାନଙ୍କ ମଧ୍ୟରୁ ୭୭ ପ୍ରତିଶତ ହେଉଛନ୍ତି ବିଚାରାଧିନ କଏଦୀ । ଅର୍ଥାତ୍ ଏମାନଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯୋଗ ଏଯାବତ୍ ପ୍ରମାଣିତ ହୋଇପାରିନାହିଁ । ଏମାନଙ୍କ ମଧ୍ୟରୁ ଅନେକଙ୍କର ଦୋଷ ପ୍ରମାଣିତ ହେଲେ ସେମାନଙ୍କୁ ଯେତିକି ଦିନ ଜେଲ ଦଣ୍ଡ ହେବା କଥା ତାଠାରୁ ଅଧିକ ଦିନ ସେମାନେ ଜେଲରେ ରହିସାରିଲେଣି । ଏମାନେ ସମସ୍ତେ ଗରୀବ । ୨୦୧୭ ଡିସେମ୍ବରରୁ ୨୦୨୧ ଡିସେମ୍ବର ମଧ୍ୟରେ ୫ବର୍ଷରୁ ଅଧିକ ସମୟ ଜେଲରେ ରହିଥିବା ବିଚାରାଧିନ କଏଦୀଙ୍କ ସଂଖ୍ୟା ଦୁଇଗୁଣ ବଢ଼ିଯାଇଛି । ଏସବୁ ତଥ୍ୟକୁ ଆଧାର କରି ଆଇଜେଆର-୨୦୨୨ ରିପୋର୍ଟରେ କୁହାଯାଇଛି ଯେ ମାମଲାର ବିଚାର ପାଇଁ ଅଧିକ ସମୟଲାଗୁଛି ଯେଉଁଥିପାଇଁ ନ୍ୟାୟ ପ୍ରଦାନ କରିବାର କ୍ଷମତା ହ୍ରାସ ପାଇବାରେ ଲାଗିଛି । ଦେଶରେ ଏବେ ପାଖାପାଖି ୫୦ନିୟୁତ ମାମଲା ବିଚାରାଧିନ ରହିଛି । ପୂର୍ବତନ ମୁଖ୍ୟ ବିଚାରପତି ୟୁ ୟୁ ଲଳିତଙ୍କ ମତରେ ଅପରାଧିକ ମାମଲାରେ ଫସିଥିବା ୭୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଏମାନଙ୍କୁ ଆଇନଗତ ସହାୟତା ପ୍ରଦାନ କରାଯାଇ ପାରୁନାହିଁ ଫଳତଃ ଏମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଆଇନ ସହାୟତା କେନ୍ଦ୍ରର ସଂଖ୍ୟା ମଧ ଦେଶରେ ଆଶାତୀତ ଭାବେ କମିଛି । ଏଥିପାଇଁ ବୋଧହୁଏ କଏଦୀଙ୍କୁ ଅଧିକ ଦିନ ଜେଲରେ ରହିବାକୁ ପଡୁଛି । କୋଲେଜିୟମ ଉପରେ ଅଧିକ ତର୍ଜମା ହେଉଛି କିନ୍ତୁ ନିରନ୍ତର ଦୁର୍ବଳ ହେଉଥିବା ନ୍ୟାୟ ବିତରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉନାହିଁ ।

ଗତ ଏପ୍ରିଲ ମାସ ୪ ତାରିଖରେ ଆଇଜେଆର-୨୦୨୨ ରିପୋର୍ଟ ଜାରି କରାଯାଇଥିଲା । ଏଥିରେ କୁହାଯାଇଛି ଯେ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ଛାଡ଼ି କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସେମାନଙ୍କ ବାର୍ଷିକ ବ୍ୟୟର ୧ ପ୍ରତିଶତରୁ ଅଧିକ ଅର୍ଥ ନ୍ୟାୟପାଳିକା ପାଇଁ ବ୍ୟୟ କରୁନାହାଁନ୍ତି । ହାଇକୋର୍ଟ ମାନଙ୍କରେ ନ୍ୟାୟାଧିଶ/ବିଚାରପତିଙ୍କ ପଦ ପୂରଣ କରାଯାଉନାହିଁ । ୨୦୨୨ଡିସେମ୍ବର ସୁଦ୍ଧା ଦେଶର ପ୍ରତି ୧୦ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୯ଜଣ ବିଚାରପତି ରହିଛନ୍ତି । କେନ୍ଦ୍ର ବିଧି ଆୟୋଗ ୧୯୮୭ରେ ପରାମର୍ଶ ଦେଇଥିଲେ ଯେ ଆଗାମୀ ଏକଦଶନ୍ଧି ମଧ୍ୟରେ ପ୍ରତି ୧୦ଲକ୍ଷ ଲୋକଙ୍କ ପାଇଁ ୫୦ ଜଣ ବିଚାରପତି ରହିବା ଜରୁରୀ । ପଦବୀ ପୂରଣ ସମସ୍ୟା କେବଳ ନ୍ୟାୟପାଳିକାରେ ଯେ ରହିଛି ତା ନୁହେଁ ପୋଲିସ, ଜେଲ ଓ ଆଇନ ସହାୟତା ବ୍ୟବସ୍ଥାରେ ମଧ ଏଭଳି ସମସ୍ୟା ରହିଛି । ଦେଶରେ ୨୯ ପ୍ରତିଶତ ପୋଲିସ୍ ଅଧିକାରୀମାନଙ୍କର ପଦବୀ ଖାଲି ପଡ଼ିଛି । ପୋଲିସ ଓ ଜନତାଙ୍କ ଅନୁପାତ ପ୍ରତିଲକ୍ଷରେ ୧୫୨.୮ ରହିଛି । ଆନ୍ତର୍ଜାତୀୟ ମାନକ ଅନୁସାରେ ଏହା ପ୍ରତି ଲକ୍ଷରେ ୭୨୨ରହିବା କଥା । ଜେଲ ଗୁଡ଼ିକରେ କ୍ଷମତାଠାରୁ ୧୩୦ ପ୍ରତିଶତ ଅଧିକ କଏଦୀଙ୍କୁ ରଖାଯାଉଛି ଓ ଦୁଇ ତୃତୀୟାଂଶରୁ ଅଧିକ କଏଦୀ ତଦନ୍ତ ଅଥବା ଟ୍ରାଏଲ ସଂପୂର୍ଣ୍ଣ ହେବାର ପ୍ରତିକ୍ଷାରେ ରହିଛନ୍ତି । ବିଡ଼ମ୍ବନାର ବିଷୟ ହେଉଛି ଅନେକ ରାଜ୍ୟ ପୋଲିସ, ଜେଲ ଓ ନ୍ୟାୟପାଳିକାର ଆବଶ୍ୟକତା ଅନୁସାରେ ରାଜ୍ୟ ବଜେଟରେ ବୃଦ୍ଧି କରୁନାହାଁନ୍ତି । ଏପରିକି କେତେକ ରାଜ୍ୟ ଏ ବାବଦରେ କେନ୍ଦ୍ରରୁ ମିଳୁଥିବା ଅର୍ଥକୁ ସଂପୂର୍ଣ୍ଣ ବିନିଯୋଗ କରୁନାହାଁନ୍ତି । ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମଦନ ବି ଲୋକୁରଙ୍କ ମତ ହେଉଛି ଟ୍ରେନିଙ୍ଗ୍ ଓ ଭିତ୍ତିଭୂମି କ୍ଷେତ୍ରରେ ଅବସ୍ଥା କିଛି ସୁଧୁରିଛି । କିନ୍ତୁ ଆହୁରି ଅଧିକ କିଛି କରିବାକୁ ହେବ । ମହିଳା ପୁଲିସ୍ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା, ଲୋକଙ୍କୁ ମାଗଣାରେ ନ୍ୟାୟିକ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି ପୂର୍ବତନ ବିଚାରପତି ମଦନ ବି ଲୋକୁର । ଦେଶର ପ୍ରତି ୪ଟି ପୋଲିସ୍ ଷ୍ଟେସନ ମଧ୍ୟରୁ ଗୋଟିଏରେ ସିସିଟିଭି ନାହିଁ । ପ୍ରତି ୧୦ ପୋଲିସ ଷ୍ଟେସନ ମଧ୍ୟରୁ ପ୍ରାୟ ୩ଟିରେ ମହିଳା ହେଲପ ଡେସ୍କ ନାହିଁ ଯଦିଓ ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ତଥ୍ୟ ଅନୁସାରେ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି । କମିଟି ଅଫ ନେସନ୍ସର ସଦସ୍ୟ ହୋଇଥିବା କାରଣରୁ ଭାରତ କରିଛି ଯେ ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବ ଏବଂ ସବୁ ସ୍ତରରେ ପ୍ରଭାବୀ, ଉତ୍ତରଦାୟୀ ଓ ସମାବେଶୀ ସଂସ୍ଥା ଗଠନ କରିବ । କିନ୍ତୁ ଆଇଜେଆର ୨୦୨୨ର ରିପୋର୍ଟରୁ ଯାହା ତଥ୍ୟ ମିଳୁଛି ଏହା ସମ୍ଭବ ନୁହେଁ । ସମସ୍ତଙ୍କୁ ଖାଦ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସମସ୍ତଙ୍କୁ ନ୍ୟାୟ ଉପଲବ୍ଧ କରାଯିବାର ବ୍ୟବସ୍ଥା କରାନଯିବା ପର୍ଯ୍ୟନ୍ତ ଅବସ୍ଥା ସୁଧୁରିବ ନାହିଁ । ଏଥିପାଇଁ ସରକାରଙ୍କୁ ଅଧିକ ବ୍ୟୟ କରିବାକୁ ପଡ଼ିବ ଓ ଦୀର୍ଘଦିନରୁ ଚାଲିଆସୁଥିବା ବ୍ୟବସ୍ଥାକୁ ସୁଧାରିବାକୁ ପଡ଼ିବ ।


ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪


# ପତିତପାବନ ନାମଟି ଯା’ର

॥ ବିଷ୍ଣୁରଞ୍ଜନ ପାଣିଗ୍ରାହୀ ॥

ଉପର ଲିଖିତ ଉଭୟ ଯୁକ୍ତିକୁ ଗବେଷକ ଅସିତ ମହାନ୍ତି ତାଙ୍କର ପ୍ରବନ୍ଧ ନୀଳଚକ୍ରେ ହେ ଦେଖ ଉଡୁଛି ବାନାରେ ସମୀକ୍ଷା କରି ଦର୍ଶାଇଛନ୍ତି। ପତିତପାବନ ପତାକା ସହ ଏ ଉଭୟ ଆରୋପ ଭିତ୍ତିହୀନ। ପତାକାରେ ଚନ୍ଦ୍ରବିନ୍ଦୁ ଏ କ୍ଷେତ୍ରର ମୌଳିକ ତତ୍ତ୍ୱ। ବର୍ଷ ବର୍ଷର ସନାତନ ବିଶ୍ୱାସ ଏହି ଚନ୍ଦ୍ରବିନ୍ଦୁକୁ ପ୍ରଣବ / ଓଁକାରର ଅର୍ଦ୍ଧମାତ୍ରା ଭାବରେ ଗ୍ରହଣ କରିଆସିଛି। ଚନ୍ଦ୍ରବିନ୍ଦୁ ଯେ କେବଳ ପତାକାରେ ବ୍ୟବହୃତ ତା ନୁହେଁ ମହାପ୍ରଭୁଙ୍କ ଆଲଟ (ବିଞ୍ଚଣା)ର କେନ୍ଦ୍ର ଭାଗରେ ଏହି ଚନ୍ଦ୍ରବିନ୍ଦୁ ରହିଛି। ପୁଣି ମହାପ୍ରଭୁଙ୍କ ସୁନାବେଶ କାଳରେ ପ୍ରଭୁଙ୍କ ଚନ୍ଦ୍ର ସୂର୍ଯ୍ୟ ନାମକ ଦୁଇଟି ସ୍ୱର୍ଣ୍ଣାଳଙ୍କାର ଲାଗି ହୁଏ। ପୁରୁଷ ସୂକ୍ତର ବର୍ଣ୍ଣନା ଅନୁସାରେ, ମହାପୁରୁଷଙ୍କର ମନରୁ ଚନ୍ଦ୍ରମା ପ୍ରକାଶିତ ଚକ୍ଷୁରୁ ସୂର୍ଯ୍ୟ ସୃଷ୍ଟି ହୋଇଛନ୍ତି। ଜ୍ୟୋତିଷ ଶାସ୍ତ୍ରର ଗଣନା ବିଧି ଅନୁସାରେ ଚନ୍ଦ୍ରମାଣ ଓ ସୌରମାଣ ଦୁଇ ପ୍ରକାରର ଗଣନା ବିଧି ରହିଛି। ହୁଏତ ଏପରି ବି ହୋଇପାରେ କାଳ ଗଣନା ବିଧିର ଊର୍ଦ୍ଧ୍ୱରେ ଅନନ୍ତକାଳର ପ୍ରତୀକ ରୂପରେ ଶ୍ରୀଜଗନ୍ନାଥଙ୍କୁ ସ୍ଥାନିତ କରାଯାଇଛି। ଶ୍ରୀଜଗନ୍ନାଥ ଅନନ୍ତକାଳ ହେଲେ, ସୂର୍ଯ୍ୟ ଚନ୍ଦ୍ର କାଳର ପ୍ରତୀକ, ସେ ତାଙ୍କୁ ଧାରଣ କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଧ୍ୟାନ ମନ୍ତ୍ରରେ ତାଙ୍କୁ ପ୍ରଣବ ତନୁଧର ବୋଲି ବା ଓଁକାର ସ୍ୱରୂପ ବୋଲି ମଧ କୁହାଯାଉଛି। ଓଁକାର ହେଉଛି ବ୍ରହ୍ମଧ୍ୱନି। ଧ୍ୱନି, କମ୍ପନ ଓ ତରଙ୍ଗର ଏକ ମିଳିତ ସ୍ୱରୂପ। ଶ୍ରୀଜଗନ୍ନାଥଙ୍କର ଶ୍ରୀକ୍ଷେତ୍ର ବା ଶଙ୍ଖକ୍ଷେତ୍ର କେନ୍ଦ୍ର ଶ୍ରୀମନ୍ଦିର ଏବଂ ଶ୍ରୀମନ୍ଦିର ଚୂଡ଼ାରେ ଶ୍ରୀବତ୍ସ ଖଣ୍ଡଶାଳ, ଶ୍ରୀବିଷ୍ଣୁ ପ୍ରାସାଦର ପୂର୍ଣ୍ଣତାକୁ ସୂଚିତ କରି ଯେଉଁ ଚନ୍ଦ୍ରବିନ୍ଦୁ ଚିହ୍ନିତ ପତିତପାବନ ପତାକା ଉଡୁଛି, ତାହା ବୋଧହୁଏ କ୍ଷେତ୍ରର କେନ୍ଦ୍ରବିନ୍ଦୁରୁ ପ୍ରକାଶିତ ପ୍ରଣବର ଅର୍ଦ୍ଧମାତ୍ରା, ଚନ୍ଦ୍ରବିନ୍ଦୁକୁ ସୂଚିତ କରୁଅଛି। ଯଦି କ୍ଷେତ୍ରର କେନ୍ଦ୍ରରେ ପ୍ରଣବ ଓଁକାର ତେବେ କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର କାହିଁକି ? ଶ୍ରୀଜଗନ୍ନାଥ ଚରିତାମୃତରେ ବର୍ଣ୍ଣନା କରାଯାଇଛି, ଓଁକାରୋଽପି ଭବେତ୍ କ୍ଷେତ୍ରମ ଶେଷଃ ସିଂହାସନସ୍ଥଳୀ ବିନ୍ଦ୍ୱର୍ଧ୍ୱମାତ୍ରେ ଦ୍ୱେଚାତ୍ର ଶ୍ରୀଭୂଶକ୍ତି ଦ୍ୱୟଂ କ୍ରମାତ୍। ଯାହାର ଅର୍ଥ ହେଉଛି ଓଁକାର କ୍ଷେତ୍ର ଭାବରେ ଆଦି ସିଂହାସନ ଏବଂ ସେଠାରେ ସୂଚିତ ବିନ୍ଦୁ ଓ ଅର୍ଦ୍ଧମାତ୍ରା ଶ୍ରୀଶକ୍ତି ଓ ଭୂଶକ୍ତିର ପ୍ରତୀକ। ଏଣୁ କ୍ଷେତ୍ର ଶ୍ରୀକ୍ଷେତ୍ର ହେଲେ ହେଁ ପତିତପାବନ ପତାକାରେ ସ୍ଥାନିତ ଚନ୍ଦ୍ରବିନ୍ଦୁ ସାମଗ୍ରୀକ ଶ୍ରୀ ଓ ଭୂ ଉଭୟ ଶକ୍ତିଙ୍କର ପ୍ରତୀକ ଭାବରେ ଅଧିଷ୍ଠିତ। ତ୍ରିଭୁଜାକୃତି ଏହି ପତାକାର ଲମ୍ବରେ ଆଗରୁ କିଛି ବାରଣ ନଥିଲା। ସଂପ୍ରତି ପବନରେ ବାନା ନୀଳଚକ୍ରକୁ ପ୍ରଭାବିତ କରିବାରୁ ଏହି ବାନାର ଲମ୍ବକୁ ନିର୍ଦ୍ଦିଷ୍ଟ ୧୪ ହାତ କରି ଦିଆଯାଇଛି। ଆଗରୁ ଅନେକଗୁଡ଼ିଏ ବାନା ଲାଗି ହେଉଥିବାବେଳେ ସଂପ୍ରତି କେବଳ ଗୋଟିଏ ବାନା ନୀଳଚକ୍ର ଉପରେ ଉଡୁଛି। ଅନ୍ୟ ବାନାଗୁଡ଼ିକୁ ନୀଳଚକ୍ରର ତଳ ଭାଗରେ ବାନ୍ଧି ଦିଆଯାଉଛି। ପୂର୍ବରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ମାନସିକ ଅନୁଯାୟୀ ବନ୍ଧା ଯାଉଥିବା ବାନା ମଧ୍ୟରେ ସର୍ବବୃହତ୍ ବାନାଟିର ନାମ ହେଉଛି ପାଦୁକା ଶୋଷା ବାନା ଯେଉଁ ବାନା ନୀଳଚକ୍ର ଚୂଡ଼ାରୁ ଲମ୍ବି ସୂର୍ଯ୍ୟ ମନ୍ଦିର ସମ୍ମୁଖସ୍ଥ ପାଦୁକ କୁଣ୍ଡ ଯାଏଁ ଝୁଲି ରହୁଥିଲା। ବଡ଼ ବଡ଼ ବାନା ମଧ୍ୟରେ ୧୦୮ ହାତ, ୧୨୦ ହାତ ପର୍ଯ୍ୟନ୍ତ ଲମ୍ବା ବାନାର ବ୍ୟବହାର ମଧ ହେଉଥିଲା। ସଂପ୍ରତି ନୀଳଚକ୍ରର ସୁରକ୍ଷା ନିମନ୍ତେ ଏହିସବୁ ବାନାର ବ୍ୟବହାରକୁ ନିଷିଦ୍ଧ କରାଯାଇଛି।

ପ୍ରତିଦିନ ନୀଳଚକ୍ର ଚୂଡ଼ାରେ ବାନା ବନ୍ଧାଯାଏ। ବାନା ବାନ୍ଧିବା ପାଇଁ ନୀଳଚକ୍ର ସହ ଏକ ୪୦ ଫୁଟ ଉଚ୍ଚ ବାଉଁଶ ବନ୍ଧା ଯାଇଥାଏ। ୧୨ଫୁଟ୍ ନୀଳଚକ୍ର ସହ ରହି ବଳକା ଅଂଶଟି ୯୦ ଡିଗ୍ରୀ ସ୍ଥିତିରେ ଉପରକୁ ଉଠିଥାଏ। ପ୍ରତି ମାସରେ ଏହି ବାଉଁଶକୁ ପରିବର୍ତ୍ତନ କରାଯାଏ। ଏହାର ଶୀର୍ଷରେ ପତିତପାବନ ବାନାକୁ ବନ୍ଧାଯାଇଥାଏ। ବାନା ଭକ୍ତମାନଙ୍କ ଦ୍ୱାରା କିଣା ହୋଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦାଖଲ ହୋଇଥାଏ। ସେହି ବାନାକୁ ମନ୍ଦିର ପ୍ରଶାସନ ଦ୍ୱାରା ବନ୍ଧା ଯିବାର ବ୍ୟବସ୍ଥା କରାଯାଏ। ପ୍ରତିଦିନ ନୂଆ ବାନା ବନ୍ଧାଯିବା ସହ ପୁରୁଣା ବାନା ଗୁଡ଼ିକୁ ଓହ୍ଲାଇ ଦିଆଯାଇଥାଏ। ମନ୍ଦିର ଚୂଡ଼ାରେ ବାନା ବାନ୍ଧିବାର ଦୁଃସାହସିକ କାର୍ଯ୍ୟକୁ ବର୍ଷ ବର୍ଷ ଧରି କୌଳିକ ସେବା ଭାବରେ ଯେଉଁମାନେ ଶ୍ରୀମନ୍ଦିରରେ କରି ଆସୁଛନ୍ତି ସେମାନଙ୍କୁ ଚୂନରା ସେବକ କୁହାଯାଏ। ଏହି ସେବକମାନେ ନୀଳଚକ୍ର, ପତିତପାବନ, ଦଧିନଉତି ଓ ଗରୁଡ଼ସ୍ତମ୍ଭ ଅରୁଣସ୍ତମ୍ଭଙ୍କର ସେବା ନିମନ୍ତେ ଉତ୍ସର୍ଗୀକୃତ। ପ୍ରତିଦିନ ଦିନ ୪ଟାରୁ ୫ଟା ମଧ୍ୟରେ ସେମାନେ ନୂଆ ବାନାଗୁଡ଼ିକୁ ୨୧୪ ଫୁଟ ଉଚ୍ଚ ମନ୍ଦିର ଚୂଳକୁ ନେଇ ବାନ୍ଧିଥାନ୍ତି ଓ ପୁରୁଣା ବାନାଗୁଡ଼ିକୁ ଘେନି ଆସନ୍ତି। ଏହି ଦୃଶ୍ୟ ଦେଖିବା ପାଇଁ ଶ୍ରୀମନ୍ଦିର ଭିତର ବେଢ଼ାରେ ଶହ ଶହ ଭକ୍ତ ସତୃଷ୍ଣ ନୟନରେ ଚାହିଁ ରହିଥାନ୍ତି। ଶ୍ରୀମନ୍ଦିର ଚୂଡ଼ାରେ ପତାକା ନଥିଲେ ମନ୍ଦିରର ସବୁନୀତି ବନ୍ଦ ହୋଇଯାଏ। ଏଣୁ ସେବକମାନେ ଅତି ସତର୍କତାର ସହିତ ସବୁବେଳେ ଏହି ପତାକାକୁ ଲକ୍ଷ୍ୟ କରୁଥାନ୍ତି। ବାତ୍ୟା ପବନ ସମୟରେ ପତାକଟି ଉଡିଗଲେ ବା ଛିଡ଼ିଗଲେ ସ୍ୱତନ୍ତ୍ର ଭାବରେ ନୂତନ ପତାକା ବନ୍ଧା ଯାଇଥାଏ। ଶ୍ରୀମନ୍ଦିରର ପୁରୁଣା ପତାକା ଗୁଡ଼ିକ ଅନାବଶ୍ୟକୀୟ ହୋଇଯାଏ ନାହିଁ। ମହାପ୍ରସାଦ ଅନ୍ନର ଶୁଖିଲା କଣିକାକୁ ଭକ୍ତମାନେ ନିର୍ମାଲ୍ୟ ଭାବରେ ଗ୍ରହଣ କରିବା ପରି ଲୋକବିଶ୍ୱାସକୁ ନେଇ ଓଲାଗି ପତାକାଗୁଡ଼ିକ ଭକ୍ତମାନେ ହାତରେ ବେକରେ ବାନ୍ଧିଥାନ୍ତି। ସେମାନଙ୍କର ବିଶ୍ୱାସ ଏହାଦ୍ୱାରା ନିଜ ଉପରକୁ କୌଣସି ବିପତ୍ତି ଆସିବ ନାହିଁ। ଘରେ ପତିତପାବନ ପତାକାଟିଏ ଥିଲେ ଘରକୁ ଶତ୍ରୁ ଭୟ, ଚୋର ଭୟ, ପିଶାଚ ଭୟ ନଥାଏ ବୋଲି ଅନେକେ ଗ୍ରହଣ କରନ୍ତି। ଜ୍ୟୋତିଷଶାସ୍ତ୍ର ଅନୁସାରେ ରାହୁ ମହାଗ୍ରହ ପଡ଼ିଲେ ଲୋକମାନେ ରାହୁଙ୍କ କୋପଦୃଷ୍ଟିରୁ ରକ୍ଷା ପାଇବା ପାଇଁ ପତିତପାବନ ପତାକାଟିଏ ପାଖରେ ରଖିଥାନ୍ତି। ପ୍ରସବ ହେବାକୁ ଥିବା ମହିଳାଙ୍କୁ ପତିତପାବନ ପତାକା ଧୌତ ଜଳ ପିଆଇଲେ ପ୍ରସବ ସୁବିଧାରେ ହୋଇଯାଏ ବୋଲି ଏକ ଲୋକବିଶ୍ୱାସ ଓଡ଼ିଶାର ଘରେ ଘରେ ପ୍ରଚଳିତ। ନୀଳଚକ୍ରରୁ ପତିତପାବନ ପତାକା ସମୁଦ୍ରପଟକୁ ଅର୍ଥାତ ପୂର୍ବ ଦିଗକୁ ଝୁଲି ରହିବାର ପରମ୍ପରା ରହିଛି। ଶ୍ରୀମନ୍ଦିର ନୀତି ଅନୁସାରେ ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ନିଳାଦ୍ରୀ ମହୋଦୟ ଦିନ ଓଡ଼ିଆ ମଠରୁ ୧୬ ହାତ ଲମ୍ବର ଏକ ବାନା ଶ୍ରୀମନ୍ଦିରକୁ ମିଳିଥାଏ। ଶ୍ରୀମନ୍ଦିର ବେଢ଼ାରେ ଅନେକ ଛୋଟବଡ଼ ମନ୍ଦିର ରହିଛି କିନ୍ତୁ ବେଢ଼ାର କୌଣସି ମନ୍ଦିରରେ ବାନା ଲାଗେ ନାହିଁ। ପରନ୍ତୁ ଶ୍ରୀବତ୍ସ ଖଣ୍ଡଶାଳ ଶ୍ରୀଜୀଉଙ୍କର ଆଳୟ ଶ୍ରୀମନ୍ଦିର ଚୂଡ଼ାରେ ଫର ଫର ହୋଇ ଉଡୁଥିବା ବାତପୋତ ସଂସାର ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଯୁଗ ଯୁଗ ଧରି ପତିତପାବନ ନାମ ବହନ କରି ଉଡୁଅଛି।


ମହାପ୍ରବନ୍ଧକ (ବିଏସଏନଏଲ), ଭୁବନେଶ୍ୱର


# ଓଡ଼ିଆଣୀର ଅଳଙ୍କାର

॥ କୃଷ୍ଣପ୍ରିୟା ତ୍ରିପାଠୀ ॥

ଅଳଙ୍କାର’, ନାରୀ ମନରେ ଏଥି ପ୍ରତି ଦୁର୍ବଳତା ରହି ଆସିଛି ଚିରକାଳ । ଅଳଙ୍କାର ପ୍ରତି ନାରୀର ଆକର୍ଷଣ କେବଳ ଲୋଭ ନୁହେଁ । ଅଳଙ୍କାରର ସାମାଜିକ ଜୀବନ ସହିତ ବି ରହିଛି ଅନେକ ସମ୍ପର୍କ । ପ୍ରତ୍ୟେକ ଜାତିର ନିଜସ୍ୱ ଚଳଣିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଏହି ଅଳଙ୍କାର । ଗୋଟିଏ ଜାତିର ଆର୍ଥନୈତିକ ସମୃଦ୍ଧିର ନୀରବ କାହାଣୀ କହେ ଅଳଙ୍କାର । ଆମ ଚଳଣୀରେ ବି ଅଳଙ୍କାର ରହିଥିଲା ସ୍ୱତନ୍ତ୍ର ସ୍ଥାନ । ପ୍ରଥମେ ନୂତନ ଅଳଙ୍କାର ପିନ୍ଧିବା ନିମନ୍ତେ ବର୍ଣ୍ଣବୋଧ ଉତ୍ସବ କରାଯାଇଥାଏ । ଏହି ଉତ୍ସବରେ ବାଳକ ଓ ବାଳିକା ଉଭୟଙ୍କର କର୍ଣ୍ଣରେ ଅଳଙ୍କାର ପିନ୍ଧାଇ ଦେବାର ବ୍ୟବସ୍ଥା ହୋଇଥାଏ । ନାରୀମାନଙ୍କ ଭଳି ବହୁ ଅଳଙ୍କାର ଦ୍ୱାରାଦେହକୁ ଆବୃତ୍ତ କରି ରଖୁନଥିଲେ ମଧ ପୁରୁଷମାନେ କର୍ଣ୍ଣ, କଣ୍ଠକର ଓ ବାହୁରେ କିଞ୍ଚିତ ଅଳଙ୍କାର ନାଇବାର ବ୍ୟବସ୍ଥା ଥିଲା ।

ବିବାହର ଆଦ୍ୟପର୍ବ ସ୍ୱୀକାର ଓ ସନ୍ମତି ଠାରୁ ଆରମ୍ଭ ହୋଇ ବେଦୀ ଉପରେ ଡାଟ ଚଳିବା ଓ ବନ୍ଦାପନା କାର୍ଯ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ କିଛି କିଛି ଅଳଙ୍କାର ଦିଆଯାଇଥାଏ । ପ୍ରାଚୀନ କାଳରେ ଓଡ଼ିଆ ନାରୀମାନେ କିପରି ସୁନ୍ଦର ଓ ସୂକ୍ଷ୍ମ ଅଳଙ୍କାରମାନ ବ୍ୟବହାର କରୁଥିଲେ ତାହାର ନମୁନା ମନ୍ଦିର ଗାତ୍ରରେ ଥିବା ନର୍ତ୍ତକୀ ଓ ଅଳସ କନ୍ୟା ପ୍ରଭୃତିର ମୂର୍ତ୍ତିକୁ ଦେଖିଲେ ସ୍ପଷ୍ଟ ମିଳିପାରିବ । ଏହା ବ୍ୟତୀତ ଆଜି ଓଡ଼ିଆ ସାହିତ୍ୟରେ ମଧ ଅଳଙ୍କାରର ବର୍ଣ୍ଣନା ରହିଛି । ସାରଳା ଦାସଙ୍କ ମହାଭାରତର ବିରାଟ ପର୍ବରେ ଅର୍ଜୁନ ଓଡ଼ିଆ ଘରର ଅଳଙ୍କାରରେ ମଣ୍ଡିତ ହୋଇ ବୃହନ୍ନଳା ସାଜିଛି । ପରବର୍ତ୍ତୀ କାଳର କାବ୍ୟରେ ଅଳଙ୍କାରର ବର୍ଣ୍ଣନା ଆଦୌ ଦୁର୍ଲଭ ନୁହେଁ । ସିଉନ୍ଥି, ମଥାମଣି, ନବରତ୍ନ ଚିତା, ଟିକା, ସେବତୀ ଫୁଲ, ସୁନା ଦୁବ, ଝରାକାଠି, ମୋତିଜାଲି, ଅଳକାପାଟି, ବାଉଳି, କାପ, ମକର, କୁଣ୍ଡଳ, ଫିରିଫିରା, ନାହୁଲ, ଚଉକି, ଚମ୍ପା, ନୋଳି, ଗଣ୍ଠିଆ ଝଲକା, ନାକଚଣା, ନୋଥ, ଗୋଲାପ ଦଣ୍ଡି, ବସଣୀ, ନାଟ ମୟୂର, ଗୁଣା, ମାଛି, ଚାପସରି, ଚିକ, ଛେଚା କଣ୍ଠି, ମୋହନ ମାଳ, ହରଡ଼ଫାଳ ମାଳ, ଧାନୁଆ ମାଳ, ସୋରିଷିଆ ମାଳ, ଧନିଆ ଫାଳ, ବାଘନଖି, ବାହୁ ବନ୍ଧକ, ତାଡ଼, ତାଇତ, ଚୁଡ଼ି, ମଣିବନ୍ଧ, ବଟଫଳ, ଖଡୁ, ମଗରମୁହାଁ, ବାଳା, କଟୁରୀ, ଦର୍ପଣବସା ମୁଦି, କିଙ୍କିଣୀ, ଅଣ୍ଟା ପାଟିଆ, ଅଣ୍ଟାସୂତା, ଗୋଠ, ଶିକୁଳି, ଚନ୍ଦ୍ରହାର, ବଳା, ପାଦପଦ୍ମ, ଝୁଣ୍ଟିଆ, ଚିପୁଲି, ପାହୁଡ଼, ନୁପୁର, ଅଷ୍ଟବାଙ୍କ, ପାଉଁଝି, ଆଲୁଡ଼ଙ୍କିଆ ପ୍ରଭୃତି ନାନାବିଧ ସୁନା ଓ ରୂପାର ଅଳଙ୍କାରରେ ସମଗ୍ର ଶରୀରକୁ ଆଚ୍ଛାଦିତ କରୁଥିଲେ ଓଡ଼ିଆ ନାରୀ । ଓଡ଼ିଆଣୀମାନେ ଆଙ୍ଗୁଠିରେ ପିନ୍ଧୁଥିବା ମୁଦି ଗୁଡ଼ିକରେ ମଧ ଦର୍ପଣ ଦିଆଯାଉଥିଲା । ଏହି ମୁଦିର ଦର୍ପଣ ସାହାଯ୍ୟରେ ଯେ କୌଣସି ମୁହୂର୍ତ୍ତରେ ଯୁବତୀମାନେ ସେମାନଙ୍କର ମୁଖାବଲୋକନ କରିପାରୁଥିଲେ । କିଞ୍ଚିତ କେଶ ବିନ୍ୟାସରେ ସଂଯମର ବ୍ୟତିକ୍ରମ ଘଟିଲେ ତାହା ସଂଶୋଧନ କରି ନେଉଥିଲେ । କିନ୍ତୁ ଗୋଡ଼ର ମୁଦି ଥିଲା ଭିନ୍ନ ଧରଣର । ଏହାକୁ ଝୁଣ୍ଟିଆ କୁହାଯାଉଥିଲା । ଏବେ ମଧ ବିବାହ ଉତ୍ସବରେ ନବବଧୂ ନିମନ୍ତେ ଯେଉଁ ଅଳଙ୍କାର ଆବଶ୍ୟକ ହୁଏ ତାହା ମଧ୍ୟରେ ଚକି ବାକି ଝୁଣ୍ଟିଆର ସ୍ଥାନ ସର୍ବାଗ୍ରେ । ଉପଯୁକ୍ତ ଅଳଙ୍କାର ଯୋଗାଇ ଦେବା ପାଇଁ ବିଭିନ୍ନ ସଂପ୍ରଦାୟର ଲୋକ ପରମ୍ପରାକ୍ରମେ କାର୍ଯ୍ୟ କରୁଥିଲେ । ସେମାନେ ପୁରୁଷାନୁକ୍ରମିକ ନିଜ ନିଜର ଧନ୍ଦାରେ ମନୋନିବେଶ କରି ସାମାଜିକ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ଯଥାଯୋଗ୍ୟ ସମତା ରକ୍ଷା କରୁଥିଲେ । ଏହି ଅଳଙ୍କାର ଗଠନର ନୈପୁଣ୍ୟ ଥିଲା ଅସାଧାରଣ । ଆମର କବିମାନେ ଏହାର ବର୍ଣ୍ଣନାରେ ଶତମୁଖ ହୋଇ ଉଠିଛନ୍ତି । କିଏ କେତେ ପ୍ରକାରରେ ଏହାର ବ୍ୟାପ୍ତି ଓ ମହାର୍ଘତା ସମ୍ପର୍କରେ ସୂଚନା ଦେଇ ନାନାବିଧ ଉପମା ଓ ଉପମେୟର ବ୍ୟବହାର କରିଛନ୍ତି । ହଂସରୁତସମ ନାଦକାରୀ ହଂସକ, ମର୍ଦ୍ଦଳାକାର, କଙ୍କତିକା, ମାଣିକ୍ୟ ଜଡ଼ିତ ଭଉଁରୀ, ଝଣନୀ ତାଡ଼ନକ, ତାଡ଼କ ଧୀଷଣା, ନାଶକାରୀ, ହୀରାଗୁଣା, ପ୍ରଭୃତିର ବର୍ଣ୍ଣନାରେ ଯେଉଁପରି ରୀତିଯୁଗୀୟ କାବ୍ୟ ପୁଷ୍କଳ ହୋଇଛି, ସେହିପରି ମଧ ଲୋକ ସାହିତ୍ୟ ରୁଦ୍ଧିମନ୍ତ ହୋଇଛି । ଲୋକକଥାରେ ଏହି ବର୍ଣ୍ଣନା ଯେତିକି ଲୌକିକ ସେତିକି ବାସ୍ତବ ।


କିରଣ ପାରିଜାତ ଏନକ୍ଲେଭ, କ୍ୟାଣ୍ଟୋନମେଣ୍ଟ ରୋଡ଼, କଟକ



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ବୁଧବାର ୨୭ ନଭେମ୍ବର ୨୦୨୪




୬୧୧ ।

## ଧାନ ବିକ୍ରି କରିବା ପାଇଁ ବାଙ୍ଗୋର ସମବାୟ ସଚେତନତା



ହାଟଡିହ(ମହାଭାରତ): ହାଟଡିହି ବ୍ଲକ ର ଏ ବର୍ଷ ଧାନ ମଣ୍ଡି ଗୁଡିକ ରେ ବ୍ୟାପକ ଅନିୟମିତତା କୁ ରୋକା ଯିବା ପାଇଁ ସମବାୟ ବିଭାଗ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରତି ଧାନ ମଣ୍ଡି ଗୁଡ଼ିକ ରେ ଜଣେ ଜଣେ ସୁପର ଭାଇଜର ରହିବା ସହ ନୋଡାଲ ଅଧିକାରୀ ରହିବେୟ ପ୍ରତି ଜିଲ୍ଲା ରେ ଧାନ ବିକ୍ରି ସମୟ ରେ ବିଭାଗୀୟ ମନ୍ତ୍ରୀ ଯାଞ୍ଚ କରିବେୟ ଯାହାକୁ ନେଇ କିପରି ଋଷୀ ମାନେ ଏପରି ସ୍ଥିତି ରେ ଉଚ୍ଚି ସହାୟକ ମୂଲ୍ୟ ପାଇବେ ତାକୁ ନେଇ ସମବାୟ ବିଭାଗ ଗୁଡିକ ସୂଚନା ପ୍ରଦାନ କରୁଥିବା ବେଳେ ଋଷୀ ମାନଙ୍କୁ ସତର୍କ କରାଇ ଛନ୍ତି। ଯେପରି ଏବର୍ଷ କଟନୀ ଛଟନି ନହେବ ତେଣୁ ଶୁଦ୍ଧ ଧାନ ବିକ୍ରୟ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଋଷୀ ଙ୍କୁ ଧାନ ର ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଯାହାକୁ ନେଇ ସମବାୟ କେନ୍ଦ୍ର ମାନଙ୍କ ମାଧ୍ୟମ ରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

## ଜିଲ୍ଲା ସ୍ତରୀୟ ଜୁନିଅର ରେଡ଼କ୍ରସର ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ



ରାୟଗଡ(ମହାଭାରତ): ମଙ୍ଗଳବାର ଦିନ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ନାରାୟଣପୁର ନୀଳମଣି ହାଇସ୍କୁଲରେରେ ଦଶମ ଜିଲ୍ଲା ସ୍ତରୀୟ ଜୁନିଅର ରେଡ଼କ୍ରସର ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଜିଲ୍ଲା ଶିକ୍ଷାଧିକାରୀ ଡା:ମାୟାଧର ସାହୁଙ୍କ ଦ୍ଵାରା ଅନୁଷ୍ଠାନିକ ଭାବେ ଉଦଘାଟନ ହୋଇଯାଇଛି ।ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏସ ପାପାରାଓ,ସମିତି ସଭ୍ୟ ଅନିତା ପଟ୍ଟନାୟକ ସରପଞ୍ଚ ବିଶ୍ଵନାଥ ଶବର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପାତ୍ର,ପ୍ରଧାନ ଶିକ୍ଷକ ମନୋଜ ବେହେରା ଅବସରପ୍ରାପ୍ତ ବିଇଓ ଦେବଦାସ ତମରାପୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରହରି ପ୍ରଧାନ, ସୁବାସ ଚନ୍ଦ୍ର ବିଷୋୟୀ ଏସ କରଡ଼ାସିଂ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ସାହୁ, ଔଜଉ ଜିଲ୍ଲା ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପାଠୀ, ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ଜିଲ୍ଲା ରେଡ଼କ୍ରସ ଅଧିକାରୀ ସଂଜୀବ କୁମାର ଦାସ ସମ୍ବଳ ସାଧନ କର୍ମୀ ପ୍ରହଲ୍ଲାଦ ଶିହଳ ବାଳକୃଷ୍ଣ ବାଗସିଂ ମଂଋସୀନ ଥିଲେ । ଏହି ଶିବିରରେ ୨୫୦ ଜଣ ଛାତ୍ର ଛାତ୍ରୀ ପ୍ରଶିକ୍ଷଣ ନେବେ ଏବଂ ଏହି ଶିବିର ଆସନ୍ତାକାଲି ୨୭ ତାରିଖ ପର୍ଯ୍ୟନ୍ତ ଋଲିବ ବୋଲି ପରିଋଳନା ସମ୍ପାଦକ ତଥା ନୀଳମଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେନକା ରାଓ ପ୍ରକାଶ କରିଛନ୍ତି । ଗଜପତି ଜିଲ୍ଲାର ଏକମାତ୍ର ପ୍ରଧାନ ଶିକ୍ଷକ ରାୟଗଡ଼ ସରକାରୀ ହାଇସ୍କୁଲର ମନୋଜ ବେହେରାଙ୍କୁ ରାଜ୍ୟ ସରକାର ଉତ୍ତମ ପ୍ରଧାନ ଶିକ୍ଷକ ରୂପେ ମନୋନୀତ କରିଥିବା ଯୋଗୁଁ ତାଙ୍କୁ ମଞ୍ଚରେ ଜିଲ୍ଲା ତରଫରୁ ସମ୍ବର୍ଦ୍ଧନା କରିବା ସହ ବହୁ ଦିନ ଧରି ଜିଲ୍ଲା ରେଡ଼କ୍ରସରେ ସକ୍ରିୟ ଅଂଶ ଗ୍ରହଣ କରି ଜୁନିଅର ରେଡ଼କ୍ରସକୁ ସୁଦୃଢ କରିଥିବା ଯୋଗୁଁ ଦେବଦାସ ତମରାପୁ, ନରହରି ପ୍ରଧାନ ସୁବାସ ଚନ୍ଦ୍ର ବିଷୋୟୀ ଓ ସୁବାସ ଚନ୍ଦ୍ର ସାହୁଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ମାନପତ୍ର ଦେଇ ସ୍ଵତନ୍ତ୍ର ସମ୍ବର୍ଦ୍ଧନା କରିଥିଲେ। ଏତଦବ୍ୟତୀତ ଜିଲ୍ଲାର ସାତୋଟି ବ୍ଲକରୁ ମନୋନୀତ ହୋଇଥିବା ୧୬ ଜଣ କାଉନସେଲରଙ୍କୁ ନିଜ ନିଜ ବ୍ଲକରେ ଔଜଉ ର କାର୍ଯ୍ୟଧାରାକୁ ତ୍ଵରାନ୍ଵିତ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ମାନପତ୍ର ଓ ଚିହ୍ନଟ ପତ୍ର ଦେଇ ଉତ୍ସାହିତ କରିଥିଲେ। ଏହି ପ୍ରଶିକ୍ଷଣରେ ଜୁନିଅର ମାନଙ୍କୁ ଯୋଗ ବ୍ୟାୟାମ ପ୍ରାଣାୟାମ, ସ୍ଵଚ୍ଛତା,ଜୁନିଅର ରେଡ଼କ୍ରସର ଇତିହାସ, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା, ବିଦ୍ୟାଳୟ ସୁରକ୍ଷା,ପାଣିପାଗ ପରିବର୍ତ୍ତନ ଓ ନିରାକରଣ,ଏଡ଼ସ ସଚେତନତା ଇତ୍ୟାଦି ଦିଆଯାଉଛି ଆସନ୍ତାକାଲି ନଗର ପରିକ୍ରମା ସହ ପ୍ରଦର୍ଶନୀ ହେବ ବୋଲି ଶିବିର ନିର୍ଦ୍ଦେଶକ ସୂଚନା ଦେଇଥିଲେ ଶିକ୍ଷକ ହରିନାଥ ପାତ୍ର ମଞ୍ଚ ସଂଯୋଜନା କରିଥିବା ବେଳେ ଟି. ଗିରିବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ କର୍ମଋରୀ ବୃନ୍ଦ ସମ୍ପୂର୍ଣ ସହଯୋଗ କରିଥିଲେ ।

# ଫଳକ ରେ କମ୍ୟୁନିଟି ସେଣ୍ଟର

## ବାସ୍ତବରେ ନାହିଁ,ହଡ଼ପ ଅଭିଯୋଗ




ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଚମକ୍ ପୁର ଗ୍ରାମ ପଞ୍ଚାୟତ ଅଧୀନ ଶଙ୍କରପୁର ଉପର ସାହି ଠାରେ ଫଳକ ରେ ରହିଛି କମ୍ୟୁନିଟି ସେଣ୍ଟର ,ହେଲେ ବାସ୍ତବରେ କମ୍ୟୁନିଟି ସେଣ୍ଟର ର ଚିହ୍ନବର୍ଣ୍ଣ ନାହିଁ ।ଘଟଣା ସମ୍ପର୍କରେ ପଋରି ବୁଝିବା ରୁ ଉକ୍ତ ପଞ୍ଚାୟତ ର ନାଏବ ସରପଞ୍ଚ ଅର୍ଜୁନ ବେହେରା କହିଛନ୍ତି ଯେ,ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମଧ୍ୟରେ ପଞ୍ଚାୟତ କୁ ୫୦ ଲକ୍ଷ ଟଙ୍କା ଆବଣ୍ଟନ ବେଳେ ଗ୍ରାମରେ ପଲ୍ଲୀ ସଭା କରାଯାଇଥିଲା ।ସର୍ବସମ୍ମତି କ୍ରମେ ଶଙ୍କର ପୁର ଉପର ସାହି ଠାରେ ଏକ କମ୍ୟୁନିଟି ସେ□ର ପ୍ରସ୍ତାବ ଆଗତ କରାଯାଇ ଥିଲା ।ପରେ ବ୍ଲକ ପକ୍ଷରୁ ଉକ୍ତ ସ୍ଥାନରେ ଫଳକ ନିର୍ମାଣ କରାଯାଇ କମ୍ୟୁନିଟି ସେଣ୍ଟର ପାଇଁ ସୂଚନା ପ୍ରଦ□ କରାଯାଇଥିଲା ।ହେଲେ ସେଠାରେ କମ୍ୟୁ ନି ଟି ସେ□ର ନିର୍ମାଣ ହୋଇ ନ ଥିଲା । ଏ ବାବଦରେ ନାଏବ ସରପଞ୍ଚ ବେହେରା ସୂଚନା ଅଧିକାର ଆଇନ ବଳରେ ସବିଶେଷ ତଥ୍ୟ ମାଗିବାରୁ ସେ ଜାଣିବାକୁ ପାଇଥିଲେ ଯେ,ପ୍ରାୟ ୮ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ କମ୍ୟୁ ନି ଟି ସେ□ର ନିର୍ମାଣ ଶେଷ ହୋଇ ଯାଇଛି ଏବଂ ଗୃହ ନିର୍ମାଣ ନ ହୋଇ ବିଲ ପୈଠ ହୋଇ ଯାଇଛି । ମିଥ୍ୟା ବିଲ କରି ଅଜସ୍ର ସରକାରୀ ଅର୍ଥ କୁ ଆତ୍ମସାତ୍ କରିଥିବା ଅଧିକାରୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ,ରାଜ୍ୟ ସରକାର ଏକ ସ୍ଵତନ୍ତ୍ର ଟିମ ଗଠନ କରି ଏହାର ତଦନ୍ତ କରନ୍ତୁ ବୋଲି ସେ ଦାବି କରିଛନ୍ତି ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ୭୫ତମ ରାଷ୍ଟ୍ରୀୟ ସମ୍ବିଧାନ ଦିବସ

ଆସିକା (ମହାଭାରତ) : ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଭାରତ ବର୍ଷର ୭୫ତମ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ଆନୁଷ୍ଠାନିକ ରୂପେ ଅନୁଷ୍ଠିତ ହୋଇଯାଇଛିୟ ଏନଏସ୍ଏସ୍ ଯୋଜନା ଅଧିକାରୀ ଚ଼ନ୍ଦନ ମାରାଣ୍ଡି ମଞ୍ଚାସୀନ ଅତିଥିଙ୍କ ପରିଚ଼ୟ ପ୍ରଦାନ କରିଥିଲେ। ଅଧକ୍ଷ ନିଜର ସ୍ଵାଗତ ଭାଷଣ ଏବଂ ସମ୍ବିଧାନ ଦିବସର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେୟ ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ରୂପେ ସ୍ଵମହାବିଦ୍ୟାଳୟ ପରିଋଳନା କମିଟିର ସଭାପତି ଅବସର ପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଫେସର ପ୍ରସନ୍ତ କୁମାର ପ୍ରଧାନ, ମୁଖ୍ୟବକ୍ତା ରୂପେ ସହ ପ୍ରଶାସନିକ ଅଧିକାରୀ ଏବଂ ରାଜନୀତି ବିଜ୍ଞାନର ବରିଷ୍ଠ ପ୍ରାଧାପକ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ପ୍ରଶାସନିକ ଅଧିକାରୀ ଓ ଏନସିସି ମେଜର ଡ. ଶଂକର ପ୍ରସାଦ ଅଧିକାରୀ ଏବଂ ଯୁବରେଡକ୍ରସ୍ ଉପଦେଷ୍ଟା ଡ. ଅକ୍ଷି ତୁମାର ମୁନୀ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ନିଜ ବ୍ୟକ୍ତବ୍ୟରେ ଭାରତୀୟ ସମ୍ବିଧାନର ଅଧକ୍ଷ ଡ. ରାଜେନ୍ଦ୍ର ପ୍ରସାଦଙ୍କ ଅଧକ୍ଷତାରେ ଭାରତୀୟ ସମ୍ବିଧାନର ଜନକ ଡ. ବି.ଆର୍. ଅମ୍ବେଦକରଙ୍କ ଦ୍ଵାରା ଲିଖିତ ନିୟମାବଳୀକୁ ବିଶ୍ଵର ସର୍ବଶ୍ରେଷ୍ଠ ଦୀର୍ଘତମ ଲିଖିତ ସମ୍ବିଧାନ ରୂପେ ପରିଣିତ ହୋଇପାରିଛି ବୋଲି କହିଥିଲେ। ତେଣୁ ଆମ ସମସ୍ତଙ୍କୁ ଏହାର ସାର୍ବଭୌମତ୍ଵ, ଗାରିମା ଏବଂ ସୁରକ୍ଷାକୁ ରକ୍ଷା କରିବା ଉଚ୍ଚି। ମୁଖ୍ୟବକ୍ତାଙ୍କ ସମ୍ବିଧାନ ଦ୍ଵାରା ପ୍ରଣୟନ ସମସ୍ତ ଅଧିକାର, ମୌଳିକ କର୍ତ୍ତବ୍ୟ ଓ ନିୟମାବଳୀକୁ ପୁଙ୍ଖାନୁପୁଙ୍ଖ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଲୋଚ଼ନା କରିଥିଲେ। ସାମ୍ବିଧାନିକ ସ୍ଵାତନ୍ତ୍ର୍ୟ ଦ୍ଵାରା ବ୍ୟକ୍ତିର ବ୍ୟକ୍ତିତ୍ଵ ବିକାଶ ହୋଇଥାଏ ବୋଲି କହିଥିଲେୟ ମୁଖ୍ୟ ଅତିଥି ଏବଂ ବକ୍ତାଙ୍କ ଔଜସ୍ଵୀ ଅଭିଭାଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲା। ସମ୍ମାନିତ ଅତିଥି ଡ. ଅଧିକାରୀ ଭାରତୀୟ ସମ୍ବିଧାନ ଶ୍ରେଷ୍ଠତା ଉପରେ ନିଜର ମତ ସାବ୍ୟସ୍ତ କରିଥିଲେ। ଭାରତୀୟ ମାଟିର ବଂଶଜ ବିଦେଶରେ କିପରି ରାଜନୀତିର କାୟାବିସ୍ତାର କରିପାରିଛନ୍ତି ତାହାର ଉଦାହରଣ କମଳା ହାରିଶ୍ ଏବଂ ଋଷି ସୁନକଙ୍କ କଥା ରଖିଥିଲେ।

## ଅଲ ଓଡ଼ିଶା ସେଡୁଲଡ଼ କାଷ୍ଟ ଫେଡେରେସନ ଦ୍ୱାରା ସମ୍ବିଧାନ ଦିବସ ପାଳନ

କଳାହାଣ୍ଡି /ମହାଭାରେ : ଭବାନୀପାଟଣା ଓଡ଼ିଶାର ଅଗ୍ରଣୀ ସାମାଜିକ ସଂଗଠନ ଅଲ ଓଡ଼ିଶା ସସେଡୟୁଲଡ କାଷ୍ଟ ଫେଡେରେସନ ଦ୍ଵାରା ସ୍ଥାନୀୟ ନକଟିଗୁଡା ସ୍ଥିତ ଆମ୍ବେଦକର ଭବନ ଠାରେ ୭୫ ତମ ସମ୍ବିଧାନ ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି ।ଏହି ଅସରରେ ମୁଖ୍ୟ ଅତିଥି ଭାବରେ ଇଙ୍ଗୁଉର ର ବରିଷ୍ଠ ଉପଦେଷ୍ଟା ପ୍ରେମାନନ୍ଦ ବାଗ,ସଂମ୍ମାନୀତ ଅତିଥି ଭାବରେ ଏସ.ସୁଜାତା ,ଇଙ୍ଗୁଉର ଜିଲ୍ଲା ସଭାପତି ଶ୍ରୀବସ୍ତ ତାଣ୍ଡି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରିଷିସୁଦନ ଛାତ୍ରପାଲ, ଜିଲ୍ଲା ଉପସଭାପତି ଓଁପ୍ରକାଶ ଛାତ୍ରୀଆ,ସମ୍ପାଦକ ସୂର୍ଯ୍ୟ ନାରାୟଣ କୁମାର,ପ୍ରମୁଖ ମଞ୍ଚାସିନ ହୋଇ ଭାରତୀୟ ସମ୍ବିଧାନ ପ୍ରଣେତା ବିଶ୍ଵରତ୍ନ ବାବାସାହେବ ଭୀମରାଓ ଆମ୍ବେଦକ ଙ୍କର ଜୀବନୀ ଓ ବିଶ୍ଵର ସର୍ବବୃହତ ଲିଖିତ ସମ୍ବିଧାନର ଉଦେଶ୍ୟ ତଥା ମହ ଭାରତର ଦେଶର ଗରୀମାକୁ ବିଶ୍ଵ ଦରବାରରେ ପରିଚିତ କରାଇପାରିଛି ବୋଲି ମତବ୍ୟକ୍ତ କରିଥିଲେୟବିଶ୍ଵର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ ଭାବରେ ଭାରତୀୟ ସମ୍ବିଧାନର ଧର୍ମ ନିରପେକ୍ଷତା ଯୋଗୁଁ ସମଗ୍ର ବିଶ୍ଵରେ ସ୍ଵତନ୍ତ୍ର ପରିଚୟ ବଜାୟ ରହିଛି । ଉକ୍ତ ସମ୍ବିଧାନ ଦିବସ ପାଳନ ସଭାରେ ସଂଗଠନର ବରିଷ୍ଠଉପଦେଷ୍ଟା ସଦସ୍ୟ ରାମ କୁମାର ନାଏକ ଗଜମନ ନଏକ,ଯୁଗେଶ୍ଵର ସାଗର, ପ୍ଲାନିଂ କୋର୍ଡ଼ିନେଟର ବିଭୀଷଣ ନାଏକ, ଜିଲ୍ଲା ସଂଗଠନର କେଶିଅର ଦେବେନ୍ଦ୍ର ନାଏକ,ଟାଉନ ଯୁବ ସଭାପତି ଚନ୍ଦନ ନାଏକ,ଗୋଲାମୁଣ୍ଡା ବ୍ଲକ ସଭାପତି ମୂନିଆ ସିପକା , କେସିଙ୍ଗା ବ୍ଲକ ସଭାପତି ତ୍ରିନାଥ ନାଏକ, ନିପାନ କୂଳଦୀପ ବିରଞ୍ଚି ମହାନନ୍ଦ ଏବଂ ସମସ୍ତ ବ୍ଲକ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।ଏହି ଅବସରେ ସମସ୍ତ ବକ୍ତଗଣ ସମ୍ବିଧାନର ସୁରକ୍ଷା ଏବଂ କାର୍ଯ୍ୟ କରିତା ନିମନ୍ତେ ଇଙ୍ଗୁଉର ସଂଗଠନ ର ଭୂମିକା ଅତ୍ୟଂନ୍ତ ଗୁରୁତ୍ଵପୂର୍ଣ୍ଣ ବୋଲି ନିଜନିଜ ମତବ୍ୟକ୍ତ କରିଥିଲେ। ସଭାଶେଷ ରେ ଜିଲ୍ଲା କୋଷାଧକ୍ଷ ଦେବେନ୍ଦ୍ର ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପରେ ସଭା ସମାପନ କରାଯାଇଥିଲା।

# ଆରମ୍ଭ ପୂର୍ବରୁ ଗର୍ଜିଲେ ଧାନ ମଣ୍ଡି ଶ୍ରମିକ

## କ୍ରୟ ବିକ୍ରୟ ଉପରେ ପଡ଼ିବ ପ୍ରତିକୁଳ ପ୍ରଭାବ

ଜୁନାଗଡ଼(ମହାଭାରତ)-ଅମଳ ହେବାରେ ଲାଗିଛି ଧାନ, ଶ୍ରୀ ଗଣେଷ ହୋଇ ସାରିଲାଣି ଧାନ ମଣ୍ଡି, ଏପଟେ ମୁଣ୍ଡ ଟେକିଛି ଆନ୍ଦୋଳନର ପ୍ରସ୍ତୁତି ପର୍ବ, ଆଜି ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଋରବାହାଲ ଧାନ ମଣ୍ଡି ପରିସରରେ, ଏଠାରେ ଆୟୋଜିତ ହୋଇଥିଲା ଜିଲ୍ଲା ସ୍ତରୀୟ ବୈଠକ, ଭାରତୀୟ ମଜଦୁର ଶ୍ରମିକ ସଂଘର ପୂର୍ବତନ ସଭାପତି ତଥା କଳାହାଣ୍ଡି ମଣ୍ଡି ୟୁନିଅନ ସଭାପତି ଙ୍କ ଆହ୍ଵାନ କ୍ରମେ ଜିଲ୍ଲାର କୋଣ ଅନୁକୋଣରୁ ଶ୍ରମିକ ମାନେ ଛୁଟି ଆସିଥିଲେ, ସରକାର ବର୍ଦ୍ଧିତ ମୂଲ୍ୟ ଦୁଇ ବର୍ଷ ହେଲା ପ୍ରଦାନ କରୁ ନାହାଁନ୍ତି, ଆମେ ମୁଣ୍ଡର ଝାଳ ତୁଣ୍ଡରେ ମାରି ପରିଶ୍ରମ କରି ଆସୁଛୁ , ହେଲେ ଆମ ପରିଶ୍ରମର ଉଚିତ ପ୍ରାପ୍ୟ ମିଳି ପାରୁନାହିଁ, ଯଦି ସରକାର ଆମ କଥା ନ ବୁଝିବେ ତେବେ ଆମେ ମଣ୍ଡି କାର୍ଯ୍ୟରୁ ନିବୃତ ରହିବା ସହିତ ଆନ୍ଦୋଳନାତ୍ମକ ପ୍ୟା ଆପଣାଇବାକୁ ବାଧ୍ୟ ହେବୁ ଭାରତୀୟ ମଜଦୂର ସଂଘ ର କାର୍ଯ୍ୟକାରୀ ସଭାପତି ତଥା କଳାହାଣ୍ଡି ମଣ୍ଡି ୟୁନିଅନ୍ ର ହେମାଳ ସଭାପତି ସୁରେନ୍ଦ୍ର ମୋହନ କର ଚେତାବନୀ ଦେଇଛନ୍ତି, ତେବେ ଦେଖିବାକୁ ବାକି ରହିଲା ସରକାର ମଣ୍ଡି ଆରମ୍ଭ ପୂର୍ବରୁ ମୁଣ୍ଡ ଟେକିଥିବା ଏଭଳି ସମସ୍ୟାକୁ କିଭଳି ସମାଧାନ କରିବେ ଓ ସୁଋରୁରୂପେ ମଣ୍ଡି ପରିଋଳନା କରିବେ ।

## ଅସୁସ୍ଥ ସାମ୍ବାଦିକଙ୍କୁ ଭେଟି ସାହାଯ୍ୟର ହାତ ବଢ଼ାଇଲେ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ୍ ସଦସ୍ୟ

ଖୋର୍ଦ୍ଧା:(ମହାଭାରତ) ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ୍ ତାର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ପାଇଁ ସମଗ୍ର ଜିଲ୍ଲାରେ ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ବେଳେ ପୁଣି ଏକ ହିତକାରୀ କାର୍ଯ୍ୟ ପାଇଁ ଜିଲ୍ଲା ସାମ୍ବାଦିକ ମହଲରେ ପ୍ରଶଂସା ସାଉଁଟିଛି । ଜ଼ିଲ୍ଲା ପ୍ରେସ କ୍ଲବର ସଦସ୍ୟ ତଥା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ଵାରା ଅନୁମୋଦିତ ସାପ୍ତାହିକ ସମ୍ବାଦପତ୍ର ପ୍ରଥମ ର ଖୋର୍ଦ୍ଧା ଜ଼ିଲ୍ଲା ପ୍ରତିନିଧି ଭାବରେ କାର୍ଯ୍ୟରତ ଅୟସ ମହାନ୍ତି ଗୁରୁତର ଭାବରେ ଅସୁସ୍ଥ ହୋଇ ଖୋର୍ଦ୍ଧା ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଥିବା ଖବର ପାଇ ଖୋର୍ଦ୍ଧା ଜ଼ିଲ୍ଲା ପ୍ରେସ କ୍ଲବର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଙ୍କ ନେତୃତ୍ୱରେ କ୍ଲବ ର ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରବୀଣ ଭଞ୍ଜ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ(ଓ.ୟୁ.ଡବ୍ଲ.ଜେ) ଖୋର୍ଦ୍ଧା ଜ଼ିଲ୍ଲା ସଭାପତି ତଥା ଜ଼ିଲ୍ଲା ପ୍ରେସ କ୍ଲବ ପରିଋଳନା ପରିଷଦ ସଦସ୍ୟ ପ୍ରକାଶ କୁମାର ହାତୀ, ସୟଦ ଅନସର ଅଲ୍ଲୀ ଏବଂ ସଦସ୍ୟ ଶେଖ୍ ଆବ୍ରାଉଲ ହକ, ଶେଖ୍ ଅର୍ଶାଦୁଲ ହକ ପ୍ରମୁଖ ତାଙ୍କୁ ଭେଟି ତାଙ୍କର ସ୍ଵାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଋରି ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ ଏବଂ ତାଙ୍କର ଚିକିତ୍ସା ପାଇଁ ଜ଼ିଲ୍ଲା ପ୍ରେସ କ୍ଲବ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଖୋର୍ଦ୍ଧା ଜ଼ିଲ୍ଲା ପ୍ରେସ କ୍ଲବ ପକ୍ଷରୁ ପଞ୍ଜୀକୃତ ପ୍ରତ୍ୟେକ ସଦସ୍ୟଙ୍କ କ୍ଷେତ୍ରରେ ଏଭଳି ଉଦ୍ୟମ ଜାରି ରହିବ ଏଂ ଭବିଷ୍ୟତରେ ଯଦି କୌଣସି ସକ୍ରିୟ ସଦସ୍ୟଙ୍କ କ୍ଷେତ୍ରରେ ଏଭଳି ଜଟିଳ ପରିସ୍ଥିତି ଉପୁଜେ, ନିହାତି ଭାବରେ ଜିଲ୍ଲା ପ୍ରେସ କ୍ଲବ୍ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ସହିତ ଏକ ନିର୍ଦ୍ଦିଷ୍ଟ ଅର୍ଥରାଶି ସଦସ୍ୟଙ୍କ ଚିକିତ୍ସା ନିମନ୍ତେ ପ୍ରଦାନ କରାଯିବ ବୋଲି ପ୍ରେସ କ୍ଲବର ସଭାପତି ଶ୍ରୀଯୁକ୍ତ ସାମନ୍ତରାୟ ସୂଚନା ଦେଇଥିବା ବେଳେ ଏହା କେବଳ ପ୍ରେସ କ୍ଲବର ପଞ୍ଜୀକୃତ ସଦସ୍ୟଙ୍କ କ୍ଷେତ୍ରରେ ଉଦ୍ଦିଷ୍ଟ ବୋଲି କହିଛନ୍ତି ।

## ରବି ରାୟଙ୍କ ୯୭ ତମ ଜନ୍ମ ଜୟନ୍ତୀ ସମାରୋହ ପାଳିତ

ବାଲିପାଟଣା(ମହାଭାରତ): ବରିଷ୍ଠ ସମାଜବାଦୀ ନେତା ତଥା ପ୍ରଥମ ଓଡିଆ ଲୋକସଭା ବାଚସ୍ପତି ରବି ରାୟଙ୍କ ୯୮ତମ ଜନ୍ମ ଜୟନ୍ତୀ ସମାରୋହ ଓ ସମ୍ବର୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବି ରାୟ ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଉଦ୍ୟମରେ ବାଲିପାଟଣା ସ୍ଥିତ ଦୁର୍ଗା ମାଧବ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଦାସ ବେନହୁର , ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ଵବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ଵାଇଁ , ଓଡ଼ିଶା କ୍ରାନ୍ତି ସଂଗଠନର ଅଧକ୍ଷ ଶ୍ରୀଯୁକ୍ତ ପ୍ରଭାତ ଦାସ ପ୍ରମୁଖ ଯୋଗଦେଇ ରବି ରାୟଙ୍କ ରାଜନୈତିକ ଓ ସାରସ୍ଵତ ଜୀବନ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ବହୁମୁଖୀ ପ୍ରତିଭା ମାନଙ୍କୁ ସମ୍ବୋଧିତ କରାଯାଇଥିଲା। ରବି ରାୟ ସ୍ମୃତି ସଂସଦର ସଭାପତି ଅଭିମନ୍ୟୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ , ସଂପାଦକ ଭଗବାନ ସାହୁ ବିବରଣୀ ପାଠ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ତନୟା ଦାସ ଗୋସ୍ଵାମୀ, ପୂର୍ବତନ ବିଧାୟକ ଅରବିନ୍ଦ ଢ଼ାଲି, ସଂଳାପକାର ଡଃ ରଜନୀ ରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବନ ବିଭାଗ ପକ୍ଷରୁ ୩ଟି କରତକଳ ଉପରେ ଚଢ଼ାଉ

ଅସ୍ତରଙ୍ଗ ୨(ମହାଭାରତ) -ପୁରୀଜିଲ୍ଲା ବନବିଭାଗ ପକ୍ଷରୁ ଅସ୍ତରଙ୍ଗ-କାକଟପୁର ରାସ୍ତାର କୁହୁଡି ଛକ ନିକଟରେ ବେଆଇନ ଭାବେ ଋଲିଥିବା ତିନୋଟି କରତକଳ ଉପରେ ଚଢାଉ ହୋଇଛି । ଚଢାଉ ବେଳେ ଲକ୍ଷାଧିକ ଟଙ୍କାର ଯନ୍ତାଂଶ ଗ୍ୟାସ କଟରରେ କଟାହୋଇ ଜବତ ହେବା ସହିତ ବିପୁଳ ପରିମାଣର ମୂଲ୍ୟବାନ କାଠ ଜବତ କରାଯାଇଛି ଯବନ ବିଭାଗ ର ଏସିଏଫ ଭିଜିଲାନ୍ସ ସାଧନା ସ୍ଵାଇଁ,ଅସ୍ତରଙ୍ଗ ବାନାଞ୍ଚଳ ଅଧିକାରୀଣୀ ମୋନାଲିସା ମହାପାତ୍ର ଙ୍କ ସହିତ ବନ ବିଭାଗର ଆଠଟି ଟିମ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏଠାରେ ସୂଚନା ଥାଉକି ଏହି ବେଆଇନ କରତକଳ ଏଠି ଦୀର୍ଘ ଦିନ ଧରି ଋଲୁଥିଲେ ମଧ ବନ ବିଭାଗ ଲୋକ ଦେଖାଣିଆ ଚଢ଼ାଉ କରି ଅଳ୍ପ କିଛି ଯନ୍ତାଂଶ ଜବତ କରି ଚୁପ ବସିଯାଏ ତାପରେ କିଛି ଦିନ ଭିତରେ ପୁନର୍ବାର ସେହି ଜାଗାରେ ନୂତନ ଯନ୍ତାଂଶ ଲଗି କାଠ ଚିରା ଆରମ୍ଭ ହୋଇଥାଏ ଏହି ଚତୁରତା ପାଇଁ ଦାୟୀ କିଏ ? ପ୍ରତିବର୍ଷ ଏଭଳି ଋଲିଥିଲା ବେଳେ ଦିନ କେଇଟାରେ ଏହି କରତକଳ ଗୁଡିକ ଋଲୁଛି ସବୁଠାରୁ ବଡକଥା ହେଲା,ଏଠାରୁ ଅଳ୍ପ କିଛି ଦୂରରେ ଋଲିଥିବା ଏକ ନିର୍ଦ୍ଦିଷ୍ଟ କରତକଳ ଉପରେ କେବେ ଚଢ଼ାଉ ହେଉନାହିଁ ।

## ଫିନୋଲେକ୍ସ ଓ ମୁକୁଲ ମାଧବ ଫାଉଣ୍ଡେସନ ପକ୍ଷରୁ ପଟ୍ଟାମୁଣ୍ଡାଇ ଶିଳ୍ପ ତାଲିମ କେନ୍ଦ୍ରରେ ନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମ




ପଟ୍ଟାମୁଣ୍ଡାଇ,(ମହାଭାରତ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଶିଳ୍ପ ତାଲିମ ଅନୁଷ୍ଠାନରେ ଫିନୋଲେକ୍ସ ଓ ମୁକୁଲ ମାଧବ ଫାଉଣ୍ଡେସନ ପକ୍ଷରୁ ଆଇଟିଆଇ ପ୍ଲମ୍ବିଙ୍ଗ ଟ୍ରେଡ ଛାତ୍ର ଛାତ୍ରୀ ମାନଙ୍କୁ ସ୍ଵାଗତ ସମ୍ବର୍ଦ୍ଧନା ଜଣାଇବା ସହ ସେମାନଙ୍କ ଉଜ୍ଜ୍ଵଳ ଭବିଷ୍ୟତ କାମନା କରାଯାଇଛି । ଫିନୋଲେକ୍ସ ମାଧ୍ୟମରେ ଆହ୍ଵନ ହେଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ବେକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ ବୋଲି ଓଡ଼ିଶା ସରକାରଙ୍କ ଜୀବିକା ମିଶନର ପଟ୍ଟାମୁଣ୍ଡାଇ ବ୍ଲକର ପ୍ରୋଜେକ୍ଟ ମ୍ୟାନେଜର ପ୍ରକାଶ ସେଠୀ କହିଛନ୍ତି ।ଚଣ୍ଡିଖୋଲ ସାନିଟାରୀର ଜନହିତକାରୀ କାର୍ଯ୍ୟକ୍ରମ ଗୁଡିକୁ ଆଗକୁ ନେବାକୁ ଫିନୋଲେକ୍ସର ଭୂମିକା ଅପରିହାର୍ଯ୍ୟ ରହିଛି ବୋଲି ସେ କହିଥିଲେ ।ଗରିବ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା ଲାଭ କ୍ଷେତ୍ରରେ ମଧ ଏହା କାର୍ଯ୍ୟ କରୁଅଛି। ଫିନୋଲେକ୍ସ ମାଧ୍ୟମରେ ପ୍ଲମ୍ବର୍ ଓ ଫିଟର ଟ୍ରେଡର ଛାତ୍ରଛାତ୍ରୀ ମାନେ ରାଜ୍ୟ ତଥା ରାଜ୍ୟ ବାହାରେ ନିଯୁକ୍ତି ପାଇପାରୁଛନ୍ତି।ପ୍ରତି ବର୍ଷ ହଜାର ହଜାର ସଂଖ୍ୟାରେ ଓଡ଼ିଶାର ଛାତ୍ର ଛାତ୍ରୀ ମାନେ ଏହାଦ୍ଵାରା ଲାଭାନ୍ଵିତ ହୋଇଥାନ୍ତି । ଛାତ୍ର ଛାତ୍ରୀ ମାନଙ୍କ ଟେକ୍ନିକାଲ,ସେଲିଂଗ, କମ୍ୟୁନିକେସନ ସ୍କିଲର ବିକାଶ ଦିଗରେ ଫିନୋଲେକ୍ସର ଭୂମିକା ଗୁରୁତ୍ଵପୂର୍ଣ୍ଣ ରହିଛି ।ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ଵ ଏହା ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଭାବେ ସେବା ପ୍ରଦାନ କରିଆସୁଅଛି ।ଲୋକ ମାନଙ୍କ ଭରସା ଓ ବିଶ୍ଵାସ ଭାବେ ଏହା ଉଭା ହୋଇଛି ବୋଲି ଫିନୋଲେକ୍ସ କମ୍ପାନୀର ମାର୍କେଟିଂ ଉପ ସଭାପତି ସୁମିତ ଭାଟିଆ ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଲେ କହିଥିଲେ ।ଆଜିର ଏହି କାର୍ଯ୍ୟକ୍ରମରେ ଶତାଧିକ ପ୍ଲମ୍ବିଂ ଓ ଫିଟର ଟ୍ରେଡର ଛାତ୍ରଛାତ୍ରୀମାନେ ସେମାନଙ୍କ ନାମ ପଞ୍ଜିକରଣ କରିବା ସହ ଶିକ୍ଷାଲାଭ ଓ ସାର୍ଟିଫିକେଟ ହାସଲ କରି ନିଯୁକ୍ତି ପାଇଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିଥିଲେ ।ଆଜିର ଏହି କାର୍ଯ୍ୟକ୍ରମରେ ଫିନୋଲେକ୍ସର ମାର୍କେଟିଙ୍ଗ ଓ କମ୍ୟୁନିକେସନର ଉପସଭାପତି ସୁମିତ ଭାଟିଆ,ପଟ୍ଟାମୁଣ୍ଡାଇ ସରକାରୀ ଆଇଟିଆଇ କେନ୍ଦ୍ରର ପ୍ରିନ୍ସିପାଲ୍ ଲକ୍ଷ୍ମୀକାନ୍ତ ବିଶ୍ଵାଳ , ଆୟାନ୍ସଟ୍ରେଡିଙ୍ଗର ଆଶିଷ ରାଉତ,ଚଣ୍ଡିଖୋଲ ସାନିଟାରୀ ଓ ହାର୍ଡ ଓ୍ୟାରର ଡିଲର ପ୍ରଭଞ୍ଜନ ଜେନାଙ୍କ ସହ ପଟ୍ଟାମୁଣ୍ଡାଇ ଶିଳ୍ପ ତାଲିମ କେନ୍ଦ୍ରର ସମସ୍ତ ସହଯୋଗୀ ଶିକ୍ଷକଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଓ ଜଳ ଶକ୍ତିଅଭିଯାନ ସମ୍ପର୍କିତ କର୍ମଶାଳା

କୋକସରା, (ମହାଭାରତ): ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ କେନ୍ଦ୍ରୀୟ ସଂଋର ବ୍ୟୁରୋ ଭବାନୀପାଟଣା ଓ ଦଣ୍ଡପାଟ ଯୁବ ସେବା ସଂଗଠନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମ ପଞ୍ଚାୟତର ଶ୍ରୀରାମପୁରଠାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଓ ଜଳ ଶକ୍ତି ଅଭିଯାନ ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଭବାନୀପାଟଣା କ୍ଷେତ୍ର ପ୍ରଋରକ ଖଗେଶ ବାଇପାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଲକ୍ଷ୍ମୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନିର୍ମଳ ଚନ୍ଦ୍ର ନାଏକ ମୁଖ୍ୟ ବକ୍ତା ଏବଂ କୋକସରା ଗୋଷ୍ଠୀ ଉଦ୍ୟାନ ଅଧିକାରୀ ବିଶ୍ଵନାଥ ରାଉତ, ଖୁଣ୍ଟିଆ ସରପଞ୍ଚ ମାଧବୀ ଧରୁଆ, ପୂର୍ବତନ ସରପଞ୍ଚ ଧର୍ମବ୍ରତ ପଣ୍ଡା, ଦଣ୍ଡପାଟ ଯୁବ ସେବା ସଂଗଠନ ସଭାପତି ରଜତ ବଂଶଲ, ଯୁବ ସଂଗଠକ ସଂଜୀବ କୁମାର ଠାକୁର, ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ଘର ଉପରେ ସୌର ପ୍ୟାନେଲ ଲଗାଇବା ପାଇଁ ସରକାର ସବସିଡି ଓ ଋଣର ବ୍ୟବସ୍ଥା କରିଛନ୍ତି। ଏହି ଯୋଜନା ମାଧ୍ୟମରେ ମାଗଣା ବିଜୁଳି ପାଇବା ସଙ୍ଗେ ସଙ୍ଗେ ବଳକା ବିଜୁଳି ବିକି ଆର୍ଥିକ ଲାଭ ମଧ ପାଇପାରିବେ। ତେଣୁ କେମିତି ଏହି ଯୋଜନାରେ ସାମିଲ ହେବେ ଏବଂ ଏହାର ଫାଇଦା ଉଠାଇବେ, ସେନେଇ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେୟ ଏଥିସହିତ ଜଳର ସୁବିନିଯୋଗ କରିବା ସହ କିଭଳି ଭାବରେ ପ୍ରଦୂଷଣ ମୁକ୍ତ କରିବା, କେମିତି ଜଳ ସଂରକ୍ଷଣ କରିବା ସେ ବିଷୟରେ ଅତିଥିମାନେ ସଚେତନତା ସୃଷ୍ଟି କରିଥିଲେ। ଏହି କ୍ରମରେ ଉପସ୍ଥିତ ସ୍ଵୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ନେଇ ପ୍ରଶ୍ନମ□ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାୟ ଏଥିରେ ସଠିକ୍ ଉତ୍ତର ଦେଇଥିବା ପ୍ରତ୍ୟେକ ମହିଳାଙ୍କୁ ଅତିଥିମାନଙ୍କ ଦ୍ଵାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଶିକ୍ଷାର୍ଥୀମାନଙ୍କୁ ମଧ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ ମଞ୍ଚ ସଂଯୋଜନା କରିଥିବା ବେଳେ ସଂଗଠକ ଅବିନାଶ ମୁଣ୍ଡ ପ୍ରଶ୍ନମ□ କାର୍ଯ୍ୟକ୍ରମ ପରିଋଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇ କଳାକାର ମାନେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ନୃତ୍ୟ ସଂଗୀତ ମାଧ୍ୟମରେ ବୁଝାଇଥିଲେ। ଦଣ୍ଡପାଟ ଯୁବ ସେବା ସଂଗଠନର ସଂପାଦକ ଭୁଜବଳ ନାଏକ, ଉପ-



ସଭାପତି ତ୍ରିଲୋକ ନାଥ ସିଂ, ସହ-ସଂପାଦକ ସୁଶୀଲ ଚନ୍ଦ୍ର ନାଗ, କୋଷାଧକ୍ଷ ଭିକାରୀ ଚରଣ ଗୋପାଳ, ହେମାଲ ବିଶି, ଭୀଷ୍ମ ବାଣୁଆ, ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ ସୁଚିତ୍ରା ଗୋପାଳ, ଉପ-ସଭାନେତ୍ରୀ ସାବିତ୍ରୀ ନାଏକ, ସଂପାଦିକା ସଂଗୀତା ବିଶି, ସହ-ସଂପାଦିକା ଦୁଲ୍ଲଭି ହଂସ, କୁନି ବାଣୁଆ, ଦୀପିକା ସାହୁ, ହାରାମଣୀ ନାଏକ, ହିମାଦ୍ରୀ ଖଣ୍ଡାଧାରୀ, ହେମଲତା ନାଗ ସମେତ ମିଶନ ଶକ୍ତି ତଥା ସ୍ଵୟଂ ସହାୟିକା ଗୋଷ୍ଠୀର ସମସ୍ତ ମହିଳା ଓ ମହାବୀର ଯୁବ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଚୋରା ଗୋ ଚାଲାଣ ଗାଡି ଓଲଟିଲା ଡ୍ରାଇଭର ଫେରାର

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡା ଫାଣ୍ଡି ଅନ୍ତର୍ଗତ ଭାଲିଆଡ଼ିହା ଗ୍ରାମ ରେ ଏକ ଚୋରା ଗୋରୁ ପିକଅପ ଭ୍ୟାନ୍ ଓଲଟି ଛି । ସୂଚନା ରୁ ପ୍ରକାଶ ଆଜି ଅପରାହ୍ନ ରେ ମାଛ ରୁ ସାହାରପଡା ଅଭିମୁଖେ ଏକ ଧଳା ରଙ୍ଗ ର ଓଡ଼ି-୦୨ଏଏ ୮୦୭୯ ପିକଅପ ଭ୍ୟାନ୍ ଗାଡି ଟି ୫ଟି ଗୋରୁ ନେଇ ଆସୁଥିବା ବେଳେ ଭାଲିଆଡିହା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା ରେ ଓଲଟି ପଡିଥିଲା । ପିକଅପ ଭ୍ୟାନ୍ ଟି ଓଲଟି ପଡିବା ସ୍ଥାନୀୟ ଲୋକେ ଦେଖି ଆସିବା ଦେଖି ଗାଡି ଡ୍ରାଇଭର ଗାଡି ଛାଡି ଘଟନାସ୍ଥାନ ରୁ ଫେରାର ହୋଇ ଯାଇଥିଲା । ସ୍ଥାନୀୟ ଲୋକେ ଗୋରୁ ଙ୍କୁ ଉଦ୍ଧାର କରିବା ସହ ପୋଲିସ ଙ୍କୁ ଖବର ଦେଇଥିଲେ । ଖବର ପାଇ ପାଟଣା ଥାନା,ସାହାରପଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ଗାଡି ସହ ୫ଟି ଗୋରୁ ଙ୍କୁ ଜବତ କରି କରଞ୍ଜିଆ ସ୍ଥିତ ଗୋ ଶାଳା ରେ ଛାଡିଥିବା ଜଣାପଡି ଛି ।ପୋଲିସ ଚୋରା ଗୋ ଚାଲାଣ ପିକଅପ ଭ୍ୟାନ୍ କୁ ଜବଦ କରି ଗୋ ମାଫିଆ ଙ୍କ ତଦନ୍ତ ଜାରି ରଖି ଛି ।



## ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଉପଖଣ୍ଡ ଷ୍ଟାଡିୟମ ଠାରେ ଉପଖଣ୍ଡ ସ୍ତରୀୟ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କୃଷକ ମେଳାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିବାବେଳେ ଆରକ୍ଷୀଅଧିକ୍ଷକ ଅଭିନ ସୋନାକାର, ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ତହସିଲଦାର ଦିଲୀପ ସେଠି, ଜିଲ୍ଲା କୃଷି ଅଧିକାରୀ ସୁବ୍ରତ ପାଢ଼ୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ । ଏହି କୃଷି ମେଳାରେ ଅତ୍ୟାଧୁନିକ ଯନ୍ତ୍ରପାତି ସହ ବିଭିନ୍ନ କୃଷି ଉପକରଣ, କୃଷିଜାତ ଦ୍ରବ୍ୟର ଷ୍ଟଲ ହୋଇଥିଲା ଏବଂ ସେଠାକୁ ଆସୁଥିବା ଜନସାଧାରଣ ମାନେ ଆଗ୍ରହ ସହକାରେ ସେସବୁ କିଣାକିଣି କରୁଥିବା ଦେଖାଯାଇଥିଲା । ତେବେ ନିମନ୍ତ୍ରିତ ଜନପ୍ରତିନିଧି ମାନେ ଯୋଗଦେଇ ନଥିବାରୁ ଉତ୍ସବ ଜନଗହଳି ନଥିବା ସହ କୃଷକ ମେଳାରେ ହାତଗଣତି କୃଷକ ଉପସ୍ଥିତ ରହିଥିଲେ କ୍ଷ ଏଥିସହ ବାହାର ଗେଟରେ ଉପଖଣ୍ଡ ସ୍ତରୀୟ କୃଷକ ମେଳା ଲେଖାଯାଇଥିବା ବେଳେ ସଭା ମଞ୍ଚରେ ଜିଲ୍ଲା ସ୍ତରୀୟ କୃଷକ ମେଳା ହୋଇଥିବା ବ୍ୟାନରକୁ ନେଇ ଉପସ୍ଥିତ ଜନସାଧାରଣ ଦ୍ୱ-ରେ ରହିବାସହ ଆଲୋଚନା କରୁଥିବା ଦେଖାଯାଇଥିଲା ।ତେବେ ଦୁଇତିନିଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଆଗକୁ ଆହୁରି କୃଷକ ଓ ଜନସମାଗମ ହେବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି । ଆଜିର ଉଦଘାଟନି ଶିବିରରେ କୃଷି କ୍ଷେତ୍ରରେ ଉଲ୍ଲେଖନିୟ ସଫଳତା ହାସଲ କରିଥିବା ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ମାନଙ୍କୁ ବିଭାଗ ପକ୍ଷରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବଡ ଛାପଲ୍ ଗ୍ରାମ ପଞ୍ଚାୟତ ରେ ଯୁଗ୍ମ ଅଭିଯୋଗ ଶୁଣାଣୀ

ଦେବଗଡ଼,(ମହା ଭାରତ) : ସମ ବାର ,ଆଜି ଦେବଗଡ ଜିଲ୍ଲା ତିଲେଇବଣୀ ବ୍ଲକ ବଡଛାପଲ ଗ୍ରାମ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଯୋଗଦେଇ ୨୫ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୧୧ ଟି ବ୍ୟକ୍ତିଗତ ଏବଂ ୧୪ ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ରାସ୍ତା ମରାମତି, ଇଲେକ୍ଟ୍ରି ସମସ୍ୟା , ପାନୀୟଜଳ,୦.୦୪ ଜମୀର ପଟ୍ଟା, ଶିକ୍ଷକ ନିଯୁକ୍ତି, ଓ ଚିକିତ୍ସା ର ସୁବିଧା, ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ପରେ ପରେ ଦିବ୍ୟାଙ୍ଗ ବିଶ୍ୱନାଥ ବେହେରା ଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲାୟଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପଦାର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ ତିଲେଇବଣୀ ରଘୁନାଥ ପାଣିଗ୍ରାହି,ତହସିଲଦାର , ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର ସମେତ ସମସ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ ପାଳନ



ନବରଙ୍ଗପୁର,(ମହାଭାରତ): ସମ୍ବିଧାନ ଦିବସ ଅବସରରେ ସ୍ଥାନୀୟ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋର୍ଟ କର୍ମଚାରୀ , ପାରା ଲିଗାଲ ସଦସ୍ୟ, ଆଇନଜୀବି ପ୍ରମୁଖ ଭାଗ ନେଇଥିଲେ ।ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ଭାରପ୍ରାପ୍ତ ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା ପ୍ରଥମେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଯୁକ୍ତ ସୁକାନ୍ତ କିଶୋର ଜେନା ସମସ୍ତଙ୍କୁ ସମ୍ବିଧାନ ର ମୁଖବନ୍ଧ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ମିଶ୍ର ଯୋଗଦାନ କରିଥିଲେ ପରିବାର ବିଚାରବିଭାଗୀୟ ଜର୍ଜ ଶ୍ରୀମତୀ ଲିଲିପ୍ସା ପସାୟତ, ଅତିରିକ୍ତ ଜିଲ୍ଲା ଜର୍ଜ (ପୋକସୋ) ବସୁଦେବ ଆଚାର୍ଯ୍ୟ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ଶ୍ରୀମତୀ ସୀମା ତ୍ରିପାଠୀ, ବରିଷ୍ଠ ଦେବାନୀ ଜର୍ଜ ଶ୍ରୀମତୀ ମୋନିତା ତ୍ରିପାଠୀ ରେଜିଷ୍ଟ୍ରାର ଜିଲ୍ଲାକୋର୍ଟ ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେବାନୀ ଜର୍ଜ, ନବରଙ୍ଗପୁର (ମହିଳା କୋର୍ଟ) ସୁଦୀପା ପାତ୍ର, ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତୀ ପ୍ରଜ୍ଞା ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକରି ଶ୍ରୀଯୁକ୍ତ ରାଜେଶ କୁମାର ମିଶ୍ର, ଆଇନଜୀବି ସଂଘର ସଭାପତି ଶ୍ରୀଯୁକ୍ତ ନରସିଂହନାଥ ତ୍ରିପାଠୀ , ସମ୍ପାଦକ ଶ୍ରୀଯୁକ୍ତ ତପନ କୁମାର ସିଂହ ମଞ୍ଚାସୀନ ହୋଇ ଭାରତର ନାଗରିକଙ୍କ ମୌଳିକ ଅଧିକାର ଉପରେ ଆଲୋକପାତ କରିଥିଲେ ଏବଂ ଆଇନଜୀବି ମାନଙ୍କୁ ଅନୁରୋଧ କରିଥିଲେ ଲୋକଙ୍କ ଅସୁବିଧାକୁ ନ୍ୟାୟପାଳିକାଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ, ତେବେ ହେଲେ ସମ୍ବିଧାନ ଦିବସର ମର୍ଯ୍ୟାଦା ରହିବ ।ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଯୁକ୍ତ ସୁକାନ୍ତ କିଶୋର ଜେନା ଏହି ଶିବିର ପରିଚାଳନା କରିଥିଲେ ।

## ଗୁଣ୍ଟାପୁଟ ଗ୍ରାମପ□ାୟତରେ ସଚେତନତା ଓ ଜନ ଶୁଣାଣି ଶିବିର

ସେମିଳିଗୁଡା:(ମହାଭାରତ) କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଗୁଣ୍ଟାପୁଟ ପଞ୍ଚାୟତରେ ବ୍ଲକ ପ୍ରଶାସନ ତରଫରୁ ସୋମବାର ଦିନ ଗୁଣ୍ଟାପୁଟ ଗ୍ରାମପଞ୍ଚାୟତରେ ସଚେତନତା ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ବିଡ଼ିଓ ଯସ୍ମୀନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସରପ□ ଭଲଭଦ୍ର ବୋରା, ଗୁଣ୍ଟାପୁଟ ସମିତି ସଭ୍ୟ ପୂର୍ବ କୁଳଦୀପ ଗ୍ରାମପଞ୍ଚାୟତର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।ପଞ୍ଚାୟତବାସୀ ବିଭିନ୍ନ ଗ୍ରାମା□ଳର ରାସ୍ତା, ପାଣି,ଭତ୍ତା,ଇନ୍ଦ୍ରା ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରି ୧୭ଗୋଟି ସାମୁହିକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ଗୁଣ୍ଟାପୁଟ ଗ୍ରାମପଞ୍ଚାୟତରେ ଏକ ନୂତନ ଚାଉଳ ଗୋଦାମ ଗୃହ କରିବା ପାଇଁ ଗୁଣ୍ଟାପୁଟ ଗ୍ରାମ ପଞ୍ଚାୟତ ମାଁ ଗଙ୍ଗାଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ ଦୀର୍ଘ ୧୮ ବର୍ଷ ହେବ ଗୁଣ୍ଟାପୁଟ ଗ୍ରାମ ପଞ୍ଚାୟତର ମାଁ ଗଙ୍ଗାଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ,ଗୁଣ୍ଟାପୁଟ ଗ୍ରାମର ଜଣଙ୍କ ଘରକୁ ଭଡ଼ାରେ ନେଇ ଚାଉଳ ଓ କିରୋସିନ ବ□ନ କରୁଛନ୍ତିୟ ଗ୍ରାମ ପଞ୍ଚାୟତର ପ୍ରାୟ ୧୨୯୦ ରୁ ଉର୍ଦ୍ଧ୍ୱ ହିତାଧିକାରୀ,ଚାଉଳ ନେଉଛନ୍ତି । ଯେଉଁ ଘରେ ଚାଉଳ ରଖାଯାଉଛି ତାହା ବହୁତ ଛୋଟ ଘର ଚାଉଳ ରଖିବା ଏବଂ ବାଣ୍ଟିବା ପାଇଁ ବହୁତ ଅସୁବିଧା ସମ୍ମୁଖୀନ ହେଉଛନ୍ତି ।ବର୍ଷା ଦିନେ ଉକ୍ତ ଘର ଛାତରୁ ପାଣି ଗଳୁଥିବାରୁ ଲୋକ ମାନଙ୍କୁ ଚାଉଳ ବା□ିବାରେ ଅସୁବିଧା ହେଉଛି ବୋଲି ଅଭିଯୋଗ କରିଛନ୍ତି ।ନୂତନ ଚାଉଳ ଗୋଦାମ ଗୃହ ନିର୍ମାଣ କରାଯାଉ ବୋଲି ବୃଦ୍ଧିଜୀବୀ ମହଲରେ ଦାବି ହେଉଛି ।ଏହି ବିଷୟରେ ନେଇ ପୂର୍ବତନ ବିଧାୟକଙ୍କୁ କେତେ ଗୁଆରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିଲା ନାହିଁ । ବର୍ତମାନର ବିଧାୟକ,ସେମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବ୍ଲକ ଅଧ୍ୟକ୍ଷ ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ କିଏ ବି କର୍ଣ୍ଣପାତ କରୁ ନ ଥିବା ମା ଗଙ୍ଗାଦେବୀ ସ୍ୱୟଂ ସହାୟକ ଗୋଷ୍ଠୀର ତୁଳାବତୀ ପାଙ୍ଗି ,ସଭାପତି କମଳା ହନ୍ତାଳ , ଜୟନ୍ତୀ ହନ୍ତାଳ,ଶଶିଳା ଖରା ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତରେ ସଚେତନତା ଓ ଜନ ଶୁଣାଣିରେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ଓ ସଚେତନତା ଜନ ଶୁଣାଣିରେ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ସେଇଣ୍ଟ ଜୋସେଫ ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସେଇ□ ଜୋସେଫ ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନ ପଦର୍ଶନୀ ଉଦଘାଟିତ ହୋଇଯାଇଛି । ଗଜପତି ଏ ଡି ଏମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ ।ଏଲ କେ ଜୀ ରୁ ୧୦ ଶ୍ରଷ ଷ୍ଟାଣ୍ଡର୍ଡ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ନିଜର ଲୁକ୍କାୟିତ ପ୍ରତିଭାକୁ ବିଜ୍ଞାନ ମାଧ୍ୟମରେ ପଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟରେ ୧୦ ବର୍ଷ ହେଲା ଛାତ୍ରଛାତ୍ରୀଙ୍କ ଦ୍ୱାରା ପଦର୍ଶିତ ହେଉଛି । ଏହି କାର୍ଯ୍ୟକ୍ରମରେ ୩୩ ଗୋଟି ପ୍ରକଳ୍ପ ପଦର୍ଶିତ ହୋଇଥିଲା । ସନ୍ଧ୍ୟା ସମୟରେ ଶ୍ରୀ କୃଷ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଜିତେନ୍ଦ୍ର ନାଥ ପଟ୍ଟନାୟକ, ବି ରାଣୀ (ଇଡଂଉଝ),ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ବିଜ୍ଞାନ ପ୍ରକଳ୍ପରେ ଉତ୍ତୀର୍ଣ୍ଣ ହୋଇ ଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା । ସ୍କୁଲର ମେନେଜମେଣ୍ଟ କର୍ମଚାରୀ ଓ ସ୍କୁଲ କର୍ମଚାରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ ।

## ସମ୍ବିଧାନ ଦିବସ ଓ ସହଭୋଜ କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରାପୁଟ ଜିଲ୍ଲା ଜୟପୁର ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଶ୍ରୀମତୀ ପଦ୍ମାଳୟା ମହାପାତ୍ର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ । ସମ୍ବିଧାନ ଦିବସ ଅବସରରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଶ୍ରୀମତୀ ସାବିତ୍ରୀ ପାଢୀ ଶିଶୁଙ୍କୁ ଦିବସ ପାଳନର ମହ□ ବିଷୟରେ ନିଜର ବକ୍ତବ୍ୟରେ ଉପସ୍ଥାପନା କରିଥିଲେ । ସେହିପରି ଶ୍ରୀମତୀ ମହାପାତ୍ର ଶିଶୁଙ୍କୁ ଏହି ଦିବସରେ ଭୀମରାଓ ଆମ୍ବେଦକରଙ୍କ ଜୀବନୀ ବିଷୟରେ କହିବା ସହିତ ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ ।ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ସୁରେଶ କୁମାର ନନ୍ଦ ଉପସ୍ଥିତ ରହିଥିଲେ ।ସେହିପରି ସହଭୋଜ କାର୍ଯ୍ୟକ୍ରମ ଅବସରରେ ଶିଶୁ ଭାଇ ଭଉଣୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯେପରିକି ଚିତ୍ରାଙ୍କନ, ପାରମ୍ପରିକ ପିଠା ପ୍ରଦର୍ଶନୀ, ମୌଳିକ କର୍ତ୍ତବ୍ୟ ଓ ଅଧିକାର ଲିଖିତ ବିବରଣୀ ପ୍ରଦର୍ଶନୀ, ଭାରତ କା ସମ୍ବିଧାନ ଚିତ୍ର ପ୍ରଦର୍ଶନୀ, ଈଶ୍ୱର ଅଙ୍କ କୁଲ ଡବସଗ୍ୱର, ବେଶ ଚନ୍ଦ୍ରିକା ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ କରାଯାଇଥିଲା ।

## ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,(ମହାଭାରତ):ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ । ଜନଶୁଣାଣି ଶିବିରରେ ସମୁଦାୟ ୧୧୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୮୦ଟି ବ୍ୟକ୍ତିଗତ ଓ ୩୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ରେଡକ୍ରସ ପାଣ୍ଠିରୁ ୨ଜଣଙ୍କୁ ୧୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ସମୀର କୁମାର ଜେନା, ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ସୁସ୍ମିତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିରୁପମା ପାଣି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣ ମହାପାତ୍ର, ତାଳଚେର ତହସିଲଦାର ରୋଜାଲିନ୍ ବେହେରା, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧୋକାରୀ ଡ.ନିରୋଦ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ସେହିପରି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୨୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ।

## ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତାରେ ପୁରୁଷ କଟକ, ମହିଳା କିଟ ଟିମ ବିଜେତା

ଆସିକା(ମହାଭାରତ) ଆସିକା ହରିହର ମିନି ଷ୍ଟାଡିଅମ ଠାରେ ୭୨ ତମ ରାଜ୍ୟ ସ୍ତରୀୟ ବରିଷ୍ଠ କବାଡି ପ୍ରତିଯୋଗିତା ସମାପ୍ତ ହୋଇଛି ।ଅନୁଷ୍ଠିତ ରାଜ୍ୟ ସ୍ତରୀୟ ବରିଷ୍ଠ ପୁରୁଷ ଓ ମହିଳା କବାଡି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ରେ ପୁରୁଷ ବିଭାଗ ରେ କଟକ ଦଳ ଏବଂ ମହିଳା ବିଭାଗ ରେ କିଟ ଇ□ରନ୍ୟସାଲ ଭୁବନେଶ୍ୱର ବିଜୟୀ ହୋଇଛନ୍ତି ।ଶେଷ ଦିବସର ରୋମା□କର ଫାଇନାଲ ମ୍ୟାଚ ରେ ମହିଳା ବିଭାଗ କିଟ ଇ□ରନ୍ୟାଶନାଲ ଭୁବନେଶ୍ୱର ଦଳ ଓଡିଶା ପୋଲିସ କୁ ୩୭-୨୮ ରେ ପରାସ୍ତ କରି ଚମ୍ପିୟାନ ହୋଇଛି ।ସେହିପରି ପୁରୁଷ ବିଭାଗରେ ମଧ୍ୟ ଭୁବେନେଶ୍ୱର ଦଳକୁ ୧୬-୩୨ ରେ ପଛରେ ପକାଇ କଟକ ଦଳ ବିଜେତା ହୋଇଛି । ପୁରୁଷ ଏବଂ ମହିଳାର ବିଜେତା ଦଳ କୁ ଅତିଥି ମାନଙ୍କ ଦ୍ୱାରା ନଗଦ ୨୦ ହଜାର ଟଙ୍କା ଏବଂ ଏକ ସୁନ୍ଦର ଟ୍ରଫି ଓ ସାଇକେଲ ପ୍ରଦାନ କରାଯାଇଛି ସେହିପରି ଉପବିଜେତା ପୁରୁଷ ବିଭାଗ ର ଭୁବନେଶ୍ୱର ଏବଂ ମହିଳା ବିଭାଗ ର ଓଡିଶା ପୋଲିସ ଦଳ କୁ ୧୦ ହଜାର ଏବଂ ଟ୍ରଫି, ସହ ସାଇକେଲ ପ୍ରଦାନ କରାଯାଇଛି । ସେହିଭଳି ପୁରୀ ଓ ସମ୍ବଲପୁର ଦଳକୁ ତୃତୀୟ ଏବଂ ଚତୁର୍ଥ ଦଳ ରୂପେ ସଂମାନ୍ତିତ କରାଯାଇଛି । ଏହି ପୁରସ୍କାର ବିତରଣୀ ଉତ୍ସବ ରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଏନ ଏ ସି ଅଧକ୍ଷା ବିନେତା ସ୍ୱାଇଁ, ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟନାୟକ,ଉପାଧକ୍ଷା ଜୟନ୍ତୀ ବିଷୋୟୀ,ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, କାର୍ଯ୍ୟକାରି ସଭାପତି ଶିବ ନାୟକ, ଉପ ସଭାପତି ସତ୍ୟନାରାୟଣ ସ୍ୱାଇଁ, ଅନିଲ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ଜୟନ୍ତୀ ପାଳିତ

ବେଗୁନିଆ, (ମହାଭାରତ): ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ସଂସଦ ଉପସଭାପତି ସୁଧାକର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆଦର୍ଶ କ୍ଲବ ସଭାଗୃହ ପରିସରରେ ଅନୁଷ୍ଠିତ ସଭାରେ 'ନବକୃଷ୍ଣ ଚୌଧୁରୀ, ଆଧୁନିକ ଓଡ଼ିଶାର ସ୍ଥପତି ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା । ପ୍ରାରମ୍ଭରେ ବସନ୍ତ ଦାସଙ୍କ ମଙ୍ଗଳାଚରଣ ପାଠ ସହ ନବକୃଷ୍ଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ । ବିଶିଷ୍ଟ ନାଟ୍ୟକାର ଡ. ବନବିହାରୀ ମହାପାତ୍ର ମୁଖ୍ୟ ଅତିଥି ଏବଂ ଡ଼ା. ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ । ସ୍ୱାଧୀନତା ଆନ୍ଦୋଳନର ମୂଲ୍ୟବୋଧ ଏବଂ ସ୍ୱାଧୀନତା ପରର ଭାରତ ବର୍ଷର ସ୍ଥିତି ଉପରେ ଆଲୋଚନା କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ଓ ସମାଜବାଦୀ ଚିନ୍ତନ ନବକୃଷ୍ଣ ଜଣେ ଯୁଗ ପ୍ରବର୍ତ୍ତକ ଥିଲେ । ସ୍ୱାଧୀନତା ସଂଗ୍ରାମ ଓ ଗଡ଼ଜାତ ଆନ୍ଦୋଳନରେ ତାଙ୍କର ପ୍ରମୁଖ ଭୂମିକା ସ୍ମରଣୀୟ ହୋଇରହିଛି ବୋଲି ମତବ୍ୟକ୍ତ କରିଥିଲେ । ଆଲୋଚନାଚକ୍ରରେ ଶିକ୍ଷାବିତ୍ ଶରତ କୁମାର ପଣ୍ଡା, ଗାୟକ ପ୍ରଦୀପ କୁମାର ତ୍ରିପାଠୀ, ଲକ୍ଷ୍ମୀଧର ମହାରଣା, ମାନସୀ ଦାସ, ଭାଗବତ ମହାପାତ୍ର, ଯୋଗିନାଥ ମହାପାତ୍ର, ବିଜୟ ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ରାଜକିଶୋର ସାହୁ, ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ସମେତ ବହୁ ଜନସାଧାରଣ ଅଂଶଗ୍ରହଣ କରିଥିଲେ । ସାମାଜିକ କର୍ମୀ ଶ୍ରୀନିବାସ ବାଘସିଂହ ଉଦ୍ୟାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ଦେବଗଡ଼ ଜିଲ୍ଲା ପରିଷଦ ବିକାଶ ପ୍ରକ୍ରିୟା ତ୍ୱରାନିତ ନେଇ ଆଲୋଚନା



ଦେବଗଡ଼(ମହା ଭାରତ) : ଦେବଗଡ଼ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲା ପରିଷଦ ଷଷ୍ଠ ଅଧିବେଶଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ସ୍ୱାଗତ ଭାସଣ ଦେବା ସହ,ଜିଲ୍ଲାର ସାମଗ୍ରୀ ବିକାଶ ନିମନ୍ତେ ଜନ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ । ଏହା ସହ ଜିଲ୍ଲାର ବିକାଶ ପ୍ରକ୍ରିୟା କୁ ରାନିତ କରିବା ଉପରେ ଗୁରୁତ୍ୱାରୋପ ଓ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ସମ୍ପର୍କ ଉପରେ ଆଲୋଚନା କରିଥିଲେ । ସେହିପରି ଗ୍ରାମୀଣ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଓଡ଼ିଶା ଜୀବିକା ମିଶନ, ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଜିଲ୍ଲା ମଙ୍ଗଳ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, କୃଷି, ଉଦ୍ୟାନ, ଜଳ ଛାୟା ପ୍ରକଳ୍ପ, ମତ୍ସ୍ୟ, ସାମାଜିକ ସୁରକ୍ଷା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଖାଦ୍ୟ ଓ ବେସାମରିକ ସାମଗ୍ରୀ ଯୋଜନା, ବିଦ୍ୟୁ ଶକ୍ତି, କ୍ଷୁଦ୍ର ଜଳସେଚନ, ଜାତୀୟ ରାଜପଥ ବିଭାଗ, ଜିଲ୍ଲା ଯୋଜନା ବିଭାଗ, ଆଞ୍ଚଳିକ ପରିବହନ ବିଭାଗ, ଜିଲ୍ଲା ଶିଳ୍ପ କେନ୍ଦ୍ର, ସ୍ୱାସ୍ଥ୍ୟ, ପୂର୍ତ୍ତ (ରାସ୍ତା ଓ କୋଠାବାଡ଼ି) ବିଭାଜନ, ବିଭିନ୍ନ ଯୋଜନା ବାବଦରେ ଆଲୋଚନା ହୋଇଥିଲାୟ ବୈଠକରେ ମାନ୍ୟବର ବିଧାୟକ ରୋମା□ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ଉପ ସଭାପତି ବର୍ଷାରାଣୀ ମୁଣ୍ଡା, ସଂସଦ ଙ୍କ ପ୍ରତିନିଧି ଅରୁଣ ସାହୁ, ବନଖଣ୍ଡ ଅଧିକାରୀ ମଗରଧନାଜି ରାଓସ୍, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ରିଆମାଳ ପଞ୍ଚାୟତ ସମିତି ର ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଜିଲ୍ଲା ପରିଷଦ ସଦସ୍ୟ ଗୀତାଞ୍ଜଳୀ ପାଣି, ପୁଷ୍ପାଞ୍ଜଳୀ ସାମଲ, ବାସନ୍ତୀ ବେହେରା, ସମରେନ୍ଦ୍ର କ୍ରି, ରାଜେଶ ମହାନାୟକ,ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଧର୍ମାନନ୍ଦ ବେହେରା, ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମ୍ ଆଦମୀ ପାର୍ଟି ଗଜପତି ଜିଲ୍ଲା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର




ଗଜପତି(ମହାଭାରତ) ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଆମ୍ ଆଦମୀ ପାର୍ଟି ଗଜପତି ଜିଲ୍ଲା ଆବାହକ ଶିଶିର ଭଞ୍ଜ ସାମନ୍ତଙ୍କ ନେତୃତ୍ୱରେ ଗଜପତି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଦାବୀ ଗୁଡିକ ହେଲା ପାରଳାଖେମୁଣ୍ଡି ସହର ପାଇଁ ପ୍ରସ୍ତାବିତ ବାଇପାସ ରୋଡ଼ ଯଥାଶୀଘ୍ର ନିର୍ମାଣ କରାଯାଉ ଦ୍ୱିତୀୟ ଟି ହେଲା ପାରଳାଖେମୁଣ୍ଡି ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ଓ ନୂତନ ଭାବେ ନିର୍ମାଣ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି ।ଏହି ଦାବିପତ୍ର ଡେପୁଟି କଲେକ୍ଟର (ଏମାରଜେନ୍ସି) କମଳା କାନ୍ତ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି ।ପ୍ରକାଶ ଥାଉକି ପାରଳାଖେମୁଣ୍ଡି ସହର ଅତି ପୁରାତନ ଓ ଓଡ଼ିଶାର ଦ୍ୱିତୀୟ ସର୍ବ ପୁରାତନ ପୋରପରିଷଦ ଭାବେ ପରିଚିତ ।ପାରଳାଖେମୁଣ୍ଡି ସହର ବାଇ ପାସ ରାସ୍ତା ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପରିକଳ୍ପନା କରାଯାଇଛି ।ପାରଳାଖେମୁଣ୍ଡି ବାସିନ୍ଦାଙ୍କ ତରଫରୁ ବାରମ୍ବାର ଦାବୀ କରିବା ସ□ ଆଜି ପର୍ଯ୍ୟନ୍ତ ବାଇ ପାସ ରାସ୍ତା ନିର୍ମାଣ ନ ହେବା ଦୁର୍ଭାଗ୍ୟ ଜନକ ।ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଇବା ସହ ଗାଡି ମୋଟର ବା ଯାନବାହନ ସଂଖ୍ୟା ବୃଦ୍ଧି ପାଉଛି ।ଯାହା ଫଳରେ ଟ୍ରାଫିକ ସମସ୍ୟା ବଢି ଚାଲିଛି ।ବାଇପାସ ରାସ୍ତା ହେବା ଦ୍ୱାରା ଲୋକଙ୍କ ସମୟ ବଞ୍ଚିବା ସହିତ ଟ୍ରାଫିକ ସମସ୍ୟା ଦୂର ହେବ ।ସେହିପରି ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ଖାଲ ଖମାରେ ପରିପୂର୍ଣ୍ଣ ଏଥିପାଇଁ ବାଇପାସ ରାସ୍ତା ଓ ମୁଖ୍ୟ ରାସ୍ତା ପ୍ରସ୍ତୁତି କରଣ ଓ ନୂତନ ଭାବେ ନିର୍ମାଣ କରିବା ଜରୁରୀ ଅଟେ ବୋଲି ଆମ୍ ଆଦମୀ ପାର୍ଟି ଜିଲ୍ଲା ଆବାହକ ଶିଶିର ଭଞ୍ଜ ସାମନ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ୨୫ତମ ଜିଲ୍ଲା ସ୍ତରୀୟ ଜୁନିଅର ରେଡକ୍ରସ ପାଠ୍ୟ ଓ ତାଲିମ ଶିବିର

**ଜୁନାଗଡ଼,(ନି.ପ୍ର):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁଲିହାରି ଉଚ୍ଚ ବିଦ୍ୟାଳୟରେ ୨୫ତମ ଜିଲ୍ଲା ସ୍ତରୀୟ ଜୁନିଅର ରେଡ୍ କ୍ରସ୍ ପାଠ୍ୟ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ଭବାନୀପାଟଣା ବସିସିବି ଅଧକ୍ଷ ଗିରିଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ହୋଇଥିବା ବେଳେ ସ୍ଥାନୀୟ ସରପଞ୍ଚ ମଳୟ ଆଚାର୍ଯ୍ୟ, କର୍ତ୍ତବ୍ୟ ଅନୁଷ୍ଠାନର ମୁଖ୍ୟ ଅଶୋକ କୁମାର ପଟ୍ଟନଷୟକ, ଅବସର ପ୍ରାପ୍ତ ଜିଲ୍ଲା କ୍ରୀଡ଼ା ନିରକ୍ଷକ ମହେନ୍ଦ୍ର କୁମାର ପଣ୍ଡା, ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସିଂ ରାଉତ, କୁଲିହାରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ନୋଡାଲ ଉଚ୍ଚ ବିଦ୍ୟାଳୟ ଜୁନାଗଡର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଜିଲ୍ଲା ସମ୍ପାଦକ ଶ୍ରୀ ରାଉତ୍ ବିବରଣୀ ପ୍ରଦାନ କରିଥିଲେ। ଶିବିର ସଂଚାଳକ ବିଜୟ କୁମାର ପାଢୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜେଆରସିଓ ନାରାୟଣ ପ୍ରଧାନ, ସୁଦାମ ମିଶ୍ର, ସୂର୍ଯ୍ୟ ଠାକୁର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ




ଚାମେଲିଦେବୀ କଲେଜ୍‌ର ଅଧକ୍ଷା ପ୍ରୀୟମଞ୍ଜରି ପଣ୍ଡା, ବରିଷ୍ଠ ଆଇନଜିବୀ ରସ୍ମିଲତା ପାଢୀ, ଶିକ୍ଷାବିତ୍ ମନୋରଞ୍ଜନ ପାଣିଗ୍ରାହୀ, ପ୍ରୟାସ ଅନୁଷ୍ଠାନର ତ୍ରିଭୁବନ ପୁଝାରୀ ପ୍ରମୁଖ ମଞ୍ଚସୀନ ଥିଲେ। ସମଗ୍ର କଳାହାଣ୍ଡିର କୋଣ ଅନୁକୋଣର ବିଭିନ୍ନ ବିଦ୍ୟାଳୟରୁ ଯୋଗଦାନ ଦେଇଥିବା ଜୁନିଅର୍ ମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ଥିଲା। ଶିବିରର ଦ୍ୱିତୀୟ ଦିନ ସକାଳ ୫:୩୦ ମିନିଟ ସମୟରେ ଯୋଗ ଶିକ୍ଷକ ନବକିଶୋର ବେହେରା ଛାତ୍ରଛାତ୍ରୀଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ପରେ ସ୍ୱଚ୍ଛ ଭାରତ ଅଭିଯାନରେ ସ୍କୁଲ ହତା ପରିସ୍କାର କରାଯାଇଥିଲା। ୯ଘଣ୍ଟା ସମୟରେ ରେଡକ୍ରସ ପତାକା ଉତ୍ତୋଳନ କରାଯାଇ ଫାଷ୍ଟ ଏଡ଼ ଟ୍ରେନିଂ, ରେଡ କ୍ରସ ଉପରେ ଡିବେଟ ପ୍ରତିଯୋଗିତା, ଜୁନାଗଡ଼ ପୋଲିସ ଦ୍ୱାରା ରୋଡ଼ ସେଫଟି ଟ୍ରେନିଂ, ଜୁନାଗଡ଼ ଫାୟାର ଅଫିସରଙ୍କ ଦ୍ୱାରା ଫାୟାର ସେଫଟି ଟ୍ରେନିଂ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଶେଷ ହୋଇଥିଲା। ତୃତୀୟ ଦିନ ସମାପନ ଉତ୍ସବର ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂ ଦେଓ ସମ୍ମାନିତ ଅତିଥି ଭାବେ ଡିଇଓ ତଥା ସଭାପତି ଜୁନିଅର ରେଡ କ୍ରସ ସୁଶାନ୍ତ ଚୋପଦାର, ଜିଲ୍ଲା ପରିଷଦ ଉପ ସଭାନେତ୍ରୀ ସୁଧୀରା ମେହେର, ବ୍ଲକ ଚେୟାରମ୍ୟାନ୍ ସବିତା ମେହେର ଆଇପିଇ ରୂପ ସିଂରାଉତ, ପ୍ରଧାନ ଶିକ୍ଷକ ଅଶୋକ ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ସୂର୍ଯ୍ୟ ନାରାୟଣ ଠାକୁର ମଞ୍ଚପରିଚାଳନା କରିଥିବା ବେଳେ ଶିକ୍ଷକ ବିଜୟ କୁମାର ପାଢ଼ୀ ମଳୟ ମୁଣ୍ଡ ସହଯୋଗ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ବଳିଷ୍ଠ ଯୋଗଦାନ ପାଇଁ ମନୋରଞ୍ଜନ ପାଣିଗ୍ରାହୀ, ବିଜୟ କୁମାର ପାଢ଼ୀ, ସମୀର ନାଏକ, ମହେନ୍ଦ୍ର କୁମାର ପଣ୍ଡା, ଜୟ ପ୍ରକାଶ ନାଏକ, ନେପାଳ ଚନ୍ଦ୍ର ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଲୁମିନି ସଭାପତି ସୁଦାମ ପାତ୍ର, ଶିକ୍ଷକ ରାଜେଶ କୁମାର ମାଝୀ, ମଳୟ କୁମାର ମୁଣ୍ଡ, ପ୍ରଶାନ୍ତ ନନ୍ଦ, ବିଜୟ ମଲ୍ଲିକ ନିରଞ୍ଜନ ସାହାଣୀ, ଚନ୍ଦ୍ର ହାସ୍ୟ ମେହେର ସହଯୋଗ କରିଥିଲେ। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ରେ ଛାତ୍ରଛାତ୍ରୀଙ୍କୁ ମିଶେଇ ସର୍ବ ମୋଟ୍ ୪୪୦ ଶିବିରାର୍ଥି ଅଂଶ ଗ୍ରହଣ କରିଥିଲେ।

# ଜୁନାଗଡ଼ ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ



**ଭବାନୀପାଟଣା,(ନି.ପ୍ର):** ଜୁନାଗଡ ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ ଆଜି ଜ଼ିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖାର ସଭାଗୃହ ଠାରେ ବିଧାୟକ, ଜୁନାଗଡ଼ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ହଷ୍ଟେଲ ସୁବ୍ୟବସ୍ଥା, ସ୍ୱୟଂ ସହାୟକ ଗୋଷ୍ଠିକୁ ଆର୍ଥିକ ସହାୟତା ପ୍ରଦାନ, ଖାଦ୍ୟ ସୁରକ୍ଷା, ସହର ଏବଂ ଗ୍ରାମ୍ୟ ସ୍ୱଚ୍ଛତା ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ, ଖଣି ସମସ୍ୟା ଓ ଶ୍ରମିକ ସମସ୍ୟା, ଗମନା ଗମନ, ସାମାଜିକ ସୁରକ୍ଷା, ପଶୁପାଳନ, କୃଷି, ମତ୍ସ, ଜଳ ସେଚନ, ଧାନ କ୍ରୟ ବିକ୍ରୟର ସୁବ୍ୟସ୍ଥା ଉପରେ ଆଲୋଚନା କରାଯାଇଥିଲା। ଜୁନାଗଡ଼ ବିଧାନସଭା ମଣ୍ଡଳୀରେ ଅନେକ କ୍ଷେତ୍ରରେ ଉନ୍ନତି ଓ ବିକାଶ ହୋଇପାରିଛି ଏହା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ଓ କର୍ତ୍ତବ୍ୟ ନିଷ୍ଠା ପାଇଁ ସମ୍ଭବ ହୋଇପାରିଛି ବୋଲି ମାନ୍ୟବର ବିଧାୟକ ଉଲ୍ଲେଖ କରିଥିଲେ। ଜୁନାଗଡ଼ ବିଧାନସଭା ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଆହୁରି ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟକରିବା ସହିତ ବିଶେଷକରି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଉନ୍ନତି ଓ ବିକାଶ ପାଇଁ ରହିଥିବା ତାଙ୍କର ସମସ୍ୟାର ସମାଧାନ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମାନ୍ୟବର ବିଧାୟକ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ। ବିଶେଷ କରି ବିକାଶ ମୂଳକ କାର୍ଯ୍ୟରେ ବିଭାଗୀୟ ଆଧିକାରୀ ମାନେ ବିଶେଷ ଗୁରୁତ୍ୱ ଦେବାକୁ ମାନ୍ୟବର ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପାୱାର ସଚିନ ପ୍ରକାଶ, ଜ଼ିଲ୍ଲାପାଳ,କଳାହାଣ୍ଡି, ଦୟାମୟ ପାଢ଼ୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧକାରୀ, ଜ଼ିଲ୍ଲା ପରିଷଦ, ଶ୍ରୀକାନ୍ତ ଦଳେଇ, ଉପ ନିର୍ଦ୍ଦେଶକ, ଜ଼ିଲ୍ଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟଙ୍କ ସମେତ ସମସ୍ତ ଜ଼ିଲ୍ଲା ସ୍ତରୀୟ ପଦାଧିକାରୀ, ବ୍ଲକ ଉନ୍ନୟନ ଅଧକାରୀ, ତହସିଲଦାର, ଜୁନାଗଡ଼ ଏବଂ ଗୋଲାମୁଣ୍ଡା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ ଏ ସି, ଜୁନାଗଡ଼, ଉପସ୍ଥିତ ଥିଲେ। ଶେଷରେ ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗ ଶ୍ରୀ ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଭିଏମ୍ ଉପରେ ରୋକ୍ ଲଗାଇବା ଆବେଦନକୁ ସୁପ୍ରିମକୋର୍ଟଙ୍କ ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୨୬।୧୧(ଏଜେନ୍ସି):** ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ବାଚନ ଜନିତ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) କୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏବଂ ଆବେଦନକାରୀଙ୍କୁ ଭର୍ତ୍ସନା କରି କହିଛନ୍ତି ଯେ, ଯେତେବେଳେ ତୁମେ ହାରିଥାଅ, ଇଭିଏମ୍ ଗୁଡିକ ଟାମ୍ପରିଂ କରାଯାଇଥିବା ଅଭିଯୋଗ ଆସେ, ଆଉ ଯେତେବେଳେ ତୁମେ ଜିତିଥାଅ, ସେତେବେଳେ ଇଭିଏମ୍ ଗୁଡିକ ଭଲ ଥାଏ । ଜନସ୍ୱାର୍ଥ ମାମଲାରେ ଇଭିଏମ୍ ସ୍ଥାନରେ ବାଲାଟ ପେପର ବ୍ୟବହାର କରିବାକୁ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା । ଜଷ୍ଟିସ ବିକ୍ରମ ନାଥ ଏବଂ ପି.ବି.ବରାଳେଙ୍କ ଖଣ୍ଡପୀଠ ଇଭିଏମରେ ହେରଫେର ହେତୁ ବାଲାଟ ସିଷ୍ଟମକୁ ଫେରିବା ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହା ପୂର୍ବରୁ ମାର୍ଚ୍ଚରେ ସୁପ୍ରିମକୋର୍ଟ ମଧ ସମାନ ଏକ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ, ଯେଉଁଥିରେ ଦାବି କରାଯାଇଥିଲା ଯେ, ବାଲଟ ପେପର ମାଧମରେ ଲୋକସଭା ନିର୍ବାଚନ କରାଯାଉ । ସୂଚନାଥାଉକି,



ଆବେଦନକାରୀ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏବଂ ପୂର୍ବ ମୁଖ୍ୟମନ୍ତ୍ରୀ ଜଗନ୍ ମୋହନ ରେଡ୍ଡୀଙ୍କୁ ଇଭିଏମ୍ ମାଧମରେ ଦିଆଯାଇଥିବା ଜନମତକୁ ନେଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ସମୟରେ ସୁପ୍ରିମକୋର୍ଟ ଏକ ଦୃଢ ମନ୍ତବ୍ୟ ଦେଇ କହିଛନ୍ତି ଯେ, 'ଯେତେବେଳେ ତୁମେ ହାରିବ, ଇଭିଏମ୍‌ଗୁଡ଼ିକ ବଦଳିଯାଏ; ଯେତେବେଳେ ତୁମେ ଜିତିବ, ଇଭିଏମ୍ ଭଲ ଅଛି । ଖଣ୍ଡପୀଠ କହିଛନ୍ତି, 'ଯେତେବେଳେ ଚନ୍ଦ୍ରବାବୁ ନାଇଡୁ କିମ୍ବା ଶ୍ରୀ ରେଡ୍ଡୀ ହାରିଯାଆନ୍ତି, ସେତେବେଳେ ସେମାନେ କୁହନ୍ତି ଯେ ଇଭିଏମ୍ ଗୁଡିକ ଟାମ୍ପରିଂ କରାଯାଇ ପାରିବ । ଯେତେବେଳେ ସେମାନେ ଜିତନ୍ତି, ସେମାନେ କିଛି କୁହନ୍ତି ନାହିଁ । ଆମେ ଏହାକୁ ବରଖାସ୍ତ କରୁଛୁ । ଏହା ସେହି ସ୍ଥାନ ନୁହେଁ ଯେଉଁଠାରେ ତୁମେ ଏସବୁ ବିଷୟରେ ବିତର୍କ କରିବ ।

# ନରମିଲା ଇସ୍ରାଏଲ

**ନୂଆଦିଲ୍ଲୀ,୨୬।୧୧(ଏଜେନ୍ସି):** ଇସ୍ରାଏଲ ଓ ଲେବାନନର ସଙ୍ଗଠନ ହିଜବୁଲ୍ଲା ମଧ୍ୟରେ ଗତ୧୪ ମାସ ଧରି ଚାଲି ଥିବା ସଂଘର୍ଷରେ ଲାଗିପାରେ ବିରାମ । ଏହାକୁ ଏବେ ଜୋରଦାର ଆଶା ବଢିଛି । ଏମିତି କୁହାଯାଉଛି କି, ଇସ୍ରାଏଲର ସୁରକ୍ଷା କ୍ୟାବିନେଟ୍ , ଆମେରିକା ଦ୍ୱାରା ପ୍ରସ୍ତାବିତ ଯୁଦ୍ଧ ବିରାମ ଯୋଜନାକୁ ନେଇ ଆଲୋଚନା କରିଛି । ଯେଉଁଥିରେ ଇରାନର ପ୍ରକ୍ସି ସଙ୍ଗଠନ ହିଜବୁଲ୍ଲା ସହ ସଂଘର୍ଷକୁ ବନ୍ଦ କରିବାକୁ ରୂପରେଖ ସ୍ଥିର କରିଛି । ଉକ୍ତ ବୈଠକର ଅଧକ୍ଷତା ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ କରିଛନ୍ତି । ଏହାକୁ ମଞ୍ଜୁରି ମିଳିବାର ସମ୍ଭାବନା ରହିଛି । କୁହାଯାଉଛି ଯେ, ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଓ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ନେତୃତ୍ୱରେ ଏହି ଯୁଦ୍ଧ ବିରାମ ପାଇଁ କୂଟନୀତିକ ପ୍ରୟାସକୁ ଦ୍ରୁତତର କରାଯାଇଛି । ରଏଟର୍ସର ରିପୋର୍ଟ ମୁତାବିକ , ଯୋଜନା ଅନୁସାରେ ଇସ୍ରାଏଲୀୟ ସୈନିକଙ୍କୁ ଦକ୍ଷିଣୀ ଲେବାନନରୁ ହଟିବାକୁ ହେବ ଏବଂ ସେଠାରେ ଲେବାନନ ସେନାକୁ ମୁତୟନ କରାଯିବ । ଏହାସହ ହିଁ ହିଜବୁଲ୍ଲାକୁ ଲିଟାନୀ ନଦୀର ଦକ୍ଷିଣରେ ନିଜର ସଶସ୍ତ୍ର ଉପସ୍ଥିତିକୁ ଶେଷ କରିବାକୁ ହେବ । ଏହା ଉପରେ ଇସ୍ରାଏଲ କଡ଼ା ସର୍ତ୍ତ ରଖି କହିଛି କି, ଯୁଦ୍ଧ ବିରାମ ଲାଗୁ ହେବା ପରେ ମଧ ସେ କୌଣସି ବି ଉଲ୍ଲଙ୍ଘନ ଉପରେ ଜିରୋ ଟଲରେନ୍ସର ନୀତି ଆପଣାଇବା। ଲେବାନନର ଉପ ସଂସଦ ଅଧକ୍ଷ ଏଲିଆସ ବୁ ସାବ୍ କହିଛନ୍ତି , ଶେଷ ମୁହୂର୍ତ୍ତରେ ନେତନ୍ୟାହୁ ତାଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ନକଲେ ବି ଏହି ଯୋଜନା କାର୍ଯ୍ୟକାରୀ କରିବାରେ କୌଣସି ଗୁରୁତର ପ୍ରତିବନ୍ଧକ ହେବ ନାହିଁ ।

# ଏକନାଥ ସିନ୍ଦେଙ୍କୁ କେନ୍ଦ୍ର କ୍ୟାବିନେଟରେ ସାମିଲ କରାଯିବା ଉଚିତ୍

**ନୂଆଦିଲ୍ଲୀ,୨୬।୧୧(ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମହାୟୁତିର ଜବରଦସ୍ତ ବିଜୟ ପରେ ଏବେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ସନ୍ଦେହ ଜାରି ରହିଛି । ଏପର୍ଯ୍ୟନ୍ତ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ନେଇ କୌଣସି ସରକାରୀ ଘୋଷଣା ହୋଇନାହିଁ। ଏହି ସମୟରେ କେନ୍ଦ୍ର ମନ୍ତ୍ରୀ ରାମଦାସ ଅଠାୱାଲେଙ୍କ ଠାରୁ ଏକ ବଡ଼ ବିବୃତ୍ତି ଆସିଛି। ସେ କହିଛନ୍ତି ଯେ, ଏକନାଥ ସିନ୍ଦେଙ୍କୁ କେନ୍ଦ୍ରକୁ ଅଣାଯିବା ଉଚିତ୍ । ମଙ୍ଗଳବାର ଦେବେନ୍ଦ୍ର ଫଡନାଭିସ୍ ଏବଂ ଅଜିତ ପାୱାରଙ୍କ ଉପସ୍ଥିତିରେ ଏକନାଥ ସିନ୍ଦେ ସିଏମ ପଦରୁ ଇସ୍ତଫା ଦେଇଛନ୍ତି ଏବଂ ରାଜ୍ୟପାଳଙ୍କ ନିକଟରେ ସେ ଇସ୍ତଫା ଦେଇଛନ୍ତି । ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା କରି ରାମଦାସ ଅଠାୱାଲେ ପରାମର୍ଶ ଦେଇଛନ୍ତି ଯେ ଏକନାଥ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିପାରିବେ କିମ୍ବା ତାଙ୍କୁ କେନ୍ଦ୍ର କ୍ୟାବିନେଟରେ ଅନ୍ତର୍ଭୁକ୍ତ କରାଯିବା ଉଚିତ । ସେ କହିଛନ୍ତି, 'ମହାରାଷ୍ଟ୍ରରେ ସିଏମ୍ ପଦବୀ ଉପରେ ଚାଲିଥିବା ସସପେନ୍ସ ଶୀଘ୍ର ଶେଷ ହେବ । ଦେବେନ୍ଦ୍ର ଫଡନାଭିସଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ଉଚିତ ବୋଲି ବିଜେପି ହାଇକମାଣ୍ଡ ନିଷ୍ପତ୍ତି ନେଇଛି। ତେବେ ଏକନାଥ ସିନ୍ଦେ ଏହି ନିଷ୍ପତ୍ତିରେ ଖୁସି ନୁହଁନ୍ତି ଏବଂ ତାଙ୍କ କ୍ରୋଧର ସମାଧାନ କରାଯିବା ଉଚିତ, କିନ୍ତୁ ବିଜେପି ଏତେ ସଂଖ୍ୟକ ଆସନ ଜିତିଛି ଯେ ଏହା ମଧ ସହମତ ହେବ ନାହିଁ। ରାମଦାସ ଅଠାୱାଲେ ମଧ ଏକନାଥ ସିନ୍ଦେଙ୍କୁ ପରାମର୍ଶ ଦେଇଛନ୍ତି ଯେ, ଦେବେନ୍ଦ୍ର ଫଡନାଭିସଙ୍କ ପରି ସେ ମଧ ଦୁଇ ପାଦ ପଛକୁ ଯିବା ଉଚିତ୍ । ସେ କହିଛନ୍ତି କି,ଦେବେନ୍ଦ୍ର ଫଡନାଭିସ୍ ଯେପରି ଚାରି ପାଦ ପଛକୁ ଯାଇ ସିନ୍ଦେଙ୍କ ନେତୃତ୍ୱରେ କାମ କରିଥିଲେ, ସେହିଭଳି ଏକନାଥ ସିନ୍ଦେ ମଧ



ଦୁଇ ପାଦ ପଛକୁ ଯିବା ଉଚିତ୍ ।ସିନ୍ଦେଙ୍କୁ ଡେପୁଟି ସିଏମ୍ କରାଯିବା ଉଚିତ କିମ୍ବା କେନ୍ଦ୍ର କ୍ୟାବିନେଟରେ ସ୍ଥାନ ପାଇବା ଉଚିତ୍ । ସେ କହିଛନ୍ତି ଯେ ସେ ଅନୁଭବ କରୁଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହା ନିଶ୍ଚିତ ଭାବେ ଏହାକୁ ବିଚାର କରିବେ । ମହାୟୁତିକୁ ସିନ୍ଦେ ଏବଂ ତାଙ୍କର ୫୭ ବିଧାୟକଙ୍କର ଆବଶ୍ୟକତା ରହିଛି ।

# ଷ୍ଟକ ବଜାରରେ ଉତ୍ସାହ : ସେନସେକ୍ସ ୯୯୨ ପଏଣ୍ଟ ବୃଦ୍ଧି

**ମୁମ୍ବାଇ,୨୫।୧୧(ଏଜେନ୍ସି):** ସପ୍ତାହର ପ୍ରଥମ ଦିନରେ ଷ୍ଟକ ବଜାରରେ ଜୋରଦାର ବୃଦ୍ଧି ଦେଖିବାକୁ ମିଳିଛି। ମହାରାଷ୍ଟ୍ର ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାଯୁତିର ଜବରଦସ୍ତ



ବିଜୟ ନିବେଶଙ୍କ ଉତ୍ସାହକୁ ବଢାଇଦେଇଛି । ସୋମବାର ବିଏସଇ ସେନସେକ୍ସ ୯୯୨.୭୪ ପଏଣ୍ଟ ବୃଦ୍ଧି ପାଇ ୮୦,୧୦୯.୮୫ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ଏନଏସଇ ନିଫ୍ଟି ୫୦ ଇଣ୍ଡେକ୍ସ ମଧ ୩୧୪.୬୫ ପଏଣ୍ଟ ବୃଦ୍ଧି ପାଇ ୨୪,୨୨୧.୯୦ ପଏଣ୍ଟରେ ବନ୍ଦ ହୋଇଛି । ଆଜିର ଏହି ବୃଦ୍ଧିରେ ଅଧିକାଂଶ ତାଲିକାଭୁକ୍ତ କମ୍ପାନୀର ସେୟାର ବୃଦ୍ଧି ପାଇଛି । ସୂଚନାଯୋଗ୍ୟ, ଗତ ସପ୍ତାହରେ ଶୁକ୍ରବାର ମଧ ବଜାର ରେ ଜବରଦସ୍ତ ବୃଦ୍ଧି ଘଟିଥିଲା । ଶୁକ୍ରବାର ବିଏସ୍‌ଇ ସେନ୍ସେକ୍ସ ୧୯୬୧.୩୨ ପଏଣ୍ଟ ବୃଦ୍ଧି ପାଇ ୭୯,୧୧୭.୧୧ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୫୦ ମଧ ୫୫୭.୩୫ ପଏଣ୍ଟ ବୃଦ୍ଧି ପାଇ ୨୩,୯୦୭.୨୫ ପଏଣ୍ଟରେ ବନ୍ଦ ହୋଇଛି । ଆଦାନୀ ମାମଲାକୁ ନେଇ ଭାରତୀୟ ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ ଦେଖାଯିବାର ଆଶଙ୍କା କରାଯାଉଥିବାବେଳେ, ଫଳ ତାହାର ଠିକ ଓଲଟା ହୋଇଛି । ଷ୍ଟକବଜାରରେ ଗତ ଶୁକ୍ରବାର ଓ ଆଜି ସୋମବାର ଜୋରଦାର ଉତ୍ସାହ ଦେଖିବାକୁ ମିଳିଛି ।

# ଆମେରିକାରେ ବଢିପାରେ ତୃତୀୟ ଲିଙ୍ଗଙ୍କ ସମସ୍ୟା

**ନୂଆଦିଲ୍ଲୀ,୨୫।୧୧(ଏଜେନ୍ସି):** ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇସାରିଛନ୍ତି । ଆଉ ୨୦ ତାରିଖରେ ଶପଥ ନେବା ପରେ ପୁରା ଦାୟିତ୍ୱ ସମ୍ଭାଳିବେ । ଏହା ପୂର୍ବରୁ ଆସିଛି ବଡ଼ ଖବର । ଶାସନ କ୍ଷମତା ଧରିବା ପରେ ଟ୍ରାନ୍ସଜେଣ୍ଡରଙ୍କୁ ସେନାରୁ ବାଦ ଦେଇପାରନ୍ତି। ଖୁବଶୀଘ୍ର ଏହି ସମ୍ବନ୍ଧିତ ଏକ ବଡ ଘୋଷଣା କରିପାରନ୍ତ ଟ୍ରମ୍ପ । ସୂଚନା ଅନୁସାରେ, ଟ୍ରମ୍ପ ଶାସନରେ ହେବ କଡ଼ା କଟକଣା । ଆମେରିକା ସେନାରେ ବର୍ତ୍ତମାନ ୧୫ହଜାର ଟ୍ରାନ୍ସଜେଣ୍ଡର ଅଛନ୍ତି । ସେନାରେ ବଡ ପଦରେ ରହିଛନ୍ତି ଏକ ହଜାରରୁ ଅଧିକ ଟ୍ରାନ୍ସଜେଣ୍ଡର । ନିଜ ପୂର୍ବ ଶାସନ ସମୟରୁ ଟ୍ରମ୍ପ ସେନାରେ ଟ୍ରାନ୍ସଜେଣ୍ଡରଙ୍କ ଭର୍ତ୍ତିକୁ ନେଇ ବିରୋଧ କରି ଆସୁଥିଲେ । ତେବେ ବାଇଡେନ ପ୍ରଶାସନ ଟ୍ରାନ୍ସଜେଣ୍ଡରଙ୍କୁ ମୌକା ଦେବା ସହ ସେନାରେ ଭର୍ତ୍ତି ସପକ୍ଷରେ ଥିଲେ । କେବଳ ସେନା ନୁହେଁ ଶିକ୍ଷା, ସ୍ୱାସ୍ଥ୍ୟସେବା, କ୍ରୀଡ଼ା କ୍ଷେତ୍ରରେ ମଧ କଟକଣା ଲଗାଇପାରନ୍ତି ।

# ଆଦାନୀ ଗ୍ରୁପର ୧୦୦ କୋଟି ଟଙ୍କା ଫେରାଇଲେ ତେଲେଙ୍ଗାନା ସରକାର

**ନୂଆଦିଲ୍ଲୀ,୨୫।୧୧(ଏଜେନ୍ସି):** ଆମେରିକାରେ ଆଦାନୀ ଗ୍ରୁପ୍ ଉପରେ ଲାଗିଥିବା ଲାଞ୍ଚ ଅଭିଯୋଗ ପରେ,ତେଲେଙ୍ଗାନାର କଂଗ୍ରେସ ସରକାର କମ୍ପାନୀର ୧୦୦ କୋଟି ଟଙ୍କାର ଫଣ୍ଡ ଫେରେଇ ଦେଇଛନ୍ତି । ଏହି ଫଣ୍ଡ ଯୁବବର୍ଗଙ୍କ ମଧ୍ୟରେ କୌଶଳ ଦକ୍ଷତାକୁ ବିକଶିକ କରିବା ଉଦ୍ଦେଶ୍ୟ ପାଇଁ ନିଆ ଯାଇଥିଲା , ଏବେ କଂଗ୍ରେସ ସରକାର ଅର୍ଥରାଶିକୁ ଗ୍ରହଣ କରିବାକୁ ମନା କରି ଦେଇଛି । ଇଣ୍ଡିଆ ଟୁଡେ କହିଛି ଯେ , ମୁଖ୍ୟମନ୍ତ୍ରୀ ରେୱନ୍ତ ରେଡ୍ଡୀ ଆଦାନୀ ଗ୍ରୁପ୍ ଠାରୁ କୌଣସି ପ୍ରକାରର ଧନରାଶି ଗ୍ରହଣ କରିବାକୁ ମନା କରିଛନ୍ତି । ଏହା ପୂର୍ବରୁ ଆମେରିକାରେ ଶିଳ୍ପପତି ଗୌତମ ଆଦାନୀ ଓ ଆଉ ସାତ ଜଣଙ୍କ ଉପରେ ସୌର ଶକ୍ତି ସହ ଜଡ଼ିତ କଣ୍ଟ୍ରାକ୍ଟ ହାସଲ କରିବା ପାଇଁ ଭାରତୀୟ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେବାର ଅଭିଯୋଗ ଲାଗିଛି । ଅନ୍ୟପଟେ ଆଦାନୀ ଗ୍ରୁପ୍ ଅଭିଯୋଗକୁ ଭିତ୍ତିହୀନ



କହିଛି। ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ରେୱନ୍ତ ରେଡ୍ଡୀ କହିଛନ୍ତି କି, ରାଜ୍ୟ ସରକାର ଆଦାନୀ ଗ୍ରୁପ୍ ସହ କୌଣସି ବି ସଙ୍ଗଠନ ଠାରୁ ୟଙ୍ଗ ଇଣ୍ଡିଆ ସ୍କିଲ୍ ୟୁନିଭରସିଟି ପାଇଁ କିଛି ପଇସା ନେଇ ନାହାନ୍ତି । ରେଡ୍ଡୀ କହିଛନ୍ତି , ତେଲେଙ୍ଗାନା ସରକାର ଆଦାନୀ ଗ୍ରୁପ୍ ଠାରୁ ୟଙ୍ଗ ଇଣ୍ଡିଆ ସ୍କିଲ୍ ୟୁନିଭରସିଟି ପାଇଁ କିଛି ଧନରାଶି କି ଦାନ ନେଇ ନାହାନ୍ତି, କାଲି ସରକାର ଆଦାନୀ ଗ୍ରୁପକୁ ଲେଖିଛନ୍ତି କି , ସେ କୌଶଳ ବିଶ୍ୱବିଦ୍ୟାଳୟ ପାଇଁ ତାଙ୍କ ଦ୍ୱାରା ଦିଆ ଯାଇଥିବା ୧୦୦କୋଟି ଟଙ୍କା ସ୍ୱୀକାର କରିବେ ନାହିଁ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାହୁଲ ଗାନ୍ଧୀ ସ୍ପଷ୍ଟ ଭାବେ କହିଛନ୍ତି, ରାଜ୍ୟ ସରକାର କି କେନ୍ଦ୍ର ସରକାରକୁ ଟେଣ୍ଡର୍ସ ଆମନ୍ତ୍ରିତ କରିବା ଉଚିତ । ଗଣତାନ୍ତ୍ରିକ ଉପାୟରେ ସଠିକ୍ ପ୍ରକ୍ରିୟା ସହ ଟେଣ୍ଡର୍ସ ଆବଣ୍ଟିତ କରାଯିବ , ସେ ଆଦାନୀ ହୁଅନ୍ତୁ କି ଅମ୍ବାନୀ ହୁଅନ୍ତୁ କି ଟାଟା । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନେକ କମ୍ପାନୀ ୟଙ୍ଗ ଇଣ୍ଡିଆ ସ୍କିଲ ୟୁନିଭରସିଟିକୁ ଅର୍ଥ ଦେଇଛନ୍ତି । ୟଙ୍ଗ ଇଣ୍ଡିଆ ସ୍କିଲ୍ ୟୁନିଭରସିଟିକୁ ଅନେକ କମ୍ପାନୀ ଫଣ୍ଡ ଦେଇଛନ୍ତି । ସେହିପରି ଆଦାନୀ ଗ୍ରୁପ୍ ମଧ ଆମକୁ ୧୦୦ କୋଟି ଟଙ୍କା ଦେବାକୁ ପ୍ରସ୍ତାବ ଦେଇଛି । ମୁଁ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଦୋହରାଇବାକୁ ଚାହିଁବି କି ସେ ଆଦାନୀ ଗ୍ରୁପ୍ ଠାରୁ ୧୦୦ କୋଟି ଟଙ୍କା ନେବେ ନାହିଁ। ଉଲ୍ଲେଖନୀୟ ଯେ , ୧୯ ଅକ୍ଟୋବରରେ ଗୌତମ ଆଦାନୀ ୟଙ୍ଗ ଇଣ୍ଡିଆ ସ୍କିଲ ୟୁନିଭରସିଟିରେ ସ୍ଥାପନା ପାଇଁ ମୁଖ୍ୟମନ୍ତ୍ରୀ ରେୱନ୍ତ ରେଡ୍ଡୀଙ୍କୁ ୧୦୦ କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଏକ୍ସରେ ପୋଷ୍ଟ କରି ଏହି କଥାର ସୂଚନା ଦେଇ ଥିଲେ । ଏହି ଖବର ସାମ୍ନାକୁ ଆସିବା ପରେ ରାଜ୍ୟର ବିରୋଧି ପାର୍ଟି କଂଗ୍ରେସର କଡ଼ା ସମାଲୋଚନା କରିଥିଲେ ।

# ଏନ୍‌ପିସିଆଇ ପକ୍ଷରୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଓ ପେମେଂଟ୍ ବ୍ୟାଙ୍କ ସହ ସହଯୋଗିତା

**ଭୁବନେଶ୍ୱର,୨୬।୧୧ (ମହାଭାରତ):** ନ୍ୟାସନାଲ ପେମେଂଟ୍ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ) ପକ୍ଷରୁ ଏନପିସିଆଇ ସିନର୍ଜି ଅଭିଯାନର ଅଂଶସ୍ୱରୂପ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ ସ୍ମଲ ଫାଇନାନ୍ସ ବ୍ୟାଙ୍କ (ଏସଏଫବି) ଓ ପେମେଂଟ୍ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ନବସୃଜନ, ସହଯୋଗିତା ଓ ସହବନ୍ଧନ ଜରିଆରେ ଭାରତର ଡିଜିଟାଲ୍ ଭବିଷ୍ୟତକୁ ଗଢ଼ି ତୋଳିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏନପିସିଆଇର ଏମଡି ଏବଂ ସିଇଓ ଦିଲ୍ଲୀପ ଆସ୍‌ବେ କହିଛନ୍ତି ଯେ, "ଭାରତର ଡିଜିଟାଲ ପେମେଂଟ୍ ବ୍ୟବସ୍ଥାର ପ୍ରକୃତ ସମ୍ଭାବନାକୁ ଖୋଲିବା ପାଇଁ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି କାର୍ଯ୍ୟକ୍ରମରେ ଏସଏଫବି ଏବଂ ପେମେଂଟ୍ ବ୍ୟାଙ୍କର ନେତୃବୃନ୍ଦ ଏକାଠି ହୋଇ ଭାରତରେ ଡିଜିଟାଲ ପେମେଂଟ୍‌ର ପ୍ରମୁଖ ଦିଗ ଉପରେ ଆଲୋଚନା କରିଥିଲେ। ଆମେ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ଚାହୁଁଛୁ ଯେଉଁଠାରେ ନବସୃଜନ ଓ ସହଯୋଗିତା ବୃଦ୍ଧି ପାଇବ ଏବଂ ଡିଜିଟାଲ ଆର୍ଥିକ ସେବା ଦେଶର କୋଣ ଅନୁକୋଣରେ ଉପଲବ୍ଧ ହେବ। ଏସଏଫବି ଏବଂ ପେମେଂଟ୍ ବ୍ୟାଙ୍କଗୁଡିକ ଦୂରଦୂରାନ୍ତ ସଂଯୋଗ ସମାଧାନ, ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ଅବହେଳିତ ଅଂଚଳରେ ବିଶ୍ୱାସକୁ ପ୍ରୋତ୍ସାହିତ କରୁଛନ୍ତି ।

# ଉନ୍ନତି କଫି ସ୍ଥାୟୀ କୃଷି ଏବଂ ଇକୋଟୁରିଜିମକୁ ପ୍ରୋତ୍ସାହିତ କରିବା ପାଇଁ ସହଭାଗୀ

**ଭୁବନେଶ୍ୱର,୨୬।୧୧ (ମହାଭାରତ):** ଓଡିଶାର କୋରାପୁଟ ଜିଲ୍ଲାରେ ଏକ ଅଗ୍ରଗାମୀ ପଦକ୍ଷେପ ପାଦାଲପୁଟ ଗ୍ରାମର ଆଦିବାସୀ ସମ୍ପ୍ରଦାୟର ଜୀବନକୁ ପରିବର୍ତନ କରି ଇକୋଟୁରିଜିମ ସହିତ ସ୍ଥାୟୀ କଫି ଚାଷକୁ ଏକୀଭୂତ କରୁଛି। ଆଇଏସଡବ୍ଲୁଏଆର (ଇଂଟିଗ୍ରେଟେଡ ସୋସିଆଲ ୱେଲଫେୟାର ଆଣ୍ଡ ରିସର୍ଚ୍ଚ ସେଂଟର) ଏବଂ କୋକାକୋଲା ଇଣ୍ଡିଆ ମଧ୍ୟରେ ହୋଇଥିବା ଭାଗିଦାରୀ ପ୍ରୋଜେକ୍ଟ ଉନ୍ନତି କଫି ମାଧ୍ୟମରେ ଭୁବନେଶ୍ୱର ଠାରୁ ୫୦୦ କିଲୋମିଟର ଦୂରରେ ପରଜା ଜନଜାତିର ୪୫ ପରିବାର ବାସ କରୁଥିବା ଥିବା ପୁଞ୍ଜିଶୀଳ ଆଦିବାସୀ ଗ୍ରାମର ଜୈବ ବିବିଧତାକୁ ସଂରକ୍ଷଣ କରିବା ସହିତ ଏକ ସ୍ଥାୟୀ ଆୟ ଉତ୍ସ ସୃଷ୍ଟି କରିବାରେ ସାହାଯ୍ୟ କରୁଛି। ଏହି ଅଭିନବ ଉପାୟଟି ଜୀବିକା ନିର୍ବାହରେ ଉନ୍ନତି ଆଣିବା ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ନୂତନ ମଡେଲ ସୃଷ୍ଟି କରୁଛି ଯାହା ପରିବେଶ ପରିଚାଳନା ଏବଂ ଗୋଷ୍ଠୀର ସଶକ୍ତିକରଣକୁ ରୁଦ୍ଧିମନ୍ତ କରୁଛି।

ସୁଯୋଗକୁ ଚିହ୍ନିତ କରି ଆଇଏସଡବ୍ଲୁଏଆର ପରଜା ଜନଜାତି ସହିତ କାର୍ଯ୍ୟ କରି ସ୍ଥାୟୀ କଫି ଚାଷକୁ ଇକୋଟୁରିଜିମ ସହିତ ଏକୀକୃତ କରିପାରିଛି। ଗ୍ରାମବାସୀଙ୍କୁ ସେମାନଙ୍କ ଗ୍ରାମକୁ ଘେରି ରହିଥିବା ଜୈବ ବିବିଧତା ଜମିରେ ଦୀର୍ଘସ୍ଥାୟୀ ଭାବରେ କଫି ଚାଷ କରିବାରେ ସାହାଯ୍ୟ କରିବା ପାଇଁ ଆଇଏସଡବ୍ଲୁଏଆର ତାଲିମ ଏବଂ ଉତ୍ସ ଯୋଗାଇଥିଲା। କଫି ଚାରାରୋପଣ ଏବଂ ଜଙ୍ଗଲ ଟ୍ରେଲ ମାଧ୍ୟମରେ ଯୁବ ଆଦିବାସୀମାନଙ୍କୁ ଗାଇଡ ଭାବରେ ପ୍ରଶିକ୍ଷଣ ଦିଆଯାଇଥିଲା। କଫି ଚାଷ ବିଷୟରେ ସେମାନେ ପର୍ଯ୍ୟଟକମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଆଦିବାସୀ ପରିବାର ସେମାନଙ୍କ ଘର ପର୍ଯ୍ୟଟକଙ୍କ ପାଇଁ ଖୋଲିଥିଲେ। ସେମାନଙ୍କୁ ପାରମ୍ପରିକ ଭୋଜନ ଏବଂ ରାତିରେ ରହିବାର ସୁବିଧା ପ୍ରଦାନ କରିଥିଲେ। ଏହା ସଂସ୍କୃତିର ଏକ ସେତୁ ସୃଷ୍ଟି କରୁଥିବାବେଳେ ଗାଁ ପାଇଁ ଏକ ସ୍ଥିର ଆୟ ସୃଷ୍ଟି କରି ପାରିଛି। ଏ ସମ୍ପର୍କରେ ଆଇଏସଡବ୍ଲୁଏଆରର ସିଇଓ ପୀୟୁଷ ରଞ୍ଜନ ମିଶ୍ର କୁହନ୍ତି, ପ୍ରୋଜେକ୍ଟ ଉନ୍ନତି କଫି କେବଳ ଜୀବିକା ନିର୍ବାହରେ ଉନ୍ନତି ଆଣିନାହିଁ ବରଂ ସମ୍ପ୍ରଦାୟକୁ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ପ୍ରେରଣା ଦେଇଛି।

# ଅଭିନେତ୍ରୀ କିର୍ତ୍ତୀ ସୁରେଶ ଫିଓନା ରିଫାଇଣ୍ଡ ତେଲର ବ୍ରାଣ୍ଡ ଆମ୍ବାସାଡ଼ାର

**ମୁମ୍ବାଇ,୨୬।୧୧ (ମହାଭାରତ):** ବୁନଜେ ଇଣ୍ଡିଆ ପ୍ରାଇଭେଟ ଲିଃ , ଖାଦ୍ୟ ତୈଳ ବଜାରର ଏକ ପ୍ରମୁଖ ଖେଳାଳୀ ଭାବରେ ଅତି ଉତ୍କଣ୍ଠାର ସହିତ ଲୋକପ୍ରିୟ ଅଭିନେତ୍ରୀ କିର୍ତ୍ତୀ ସୁରେଶଙ୍କୁ ଫିଓନା ରିଫାଇଣ୍ଡ ସନଫ୍ଲାୱାର ତେଲର ବ୍ରାଣ୍ଡ ଆମ୍ବାସାଡ଼ାର ଘୋଷଣା କରିଛି। ନକ୍ଷତ୍ରା ସମ୍ବନ୍ଧୀତ ଚମତ୍କାରିତା ତଥା ଦର୍ଶକଙ୍କ ପାଖରେ ଅତି ଦୃଢ଼ଭାବରେ ସଂଯୋଗ ପାଇଁ କିର୍ତ୍ତୀ ଦକ୍ଷିଣ ଭାରତର ଜଣେ ଅତି ଜଣାଶୁଣା ଅଭିନେତ୍ରୀ ଭାବରେ ଫିଓନା ଅଭିଯାନର ପ୍ରତିନିଧିତ୍ୱ କରି ଭାରତୀୟ ପରିବାର ମଧ୍ୟରେ ଏକ ଭରସାଯୋଗ୍ୟ ଖାଇବା ତେଲ ଯାହାକି ମିଶ୍ରିତ ଭାବରେ ଏହାର ମାନକ, ପୌଷ୍ଟିକତା ତଥା ସ୍ୱାଦକୁ ନେଇ ରୋଷେଇ ପାଇଁ ପସନ୍ଦ ଯୋଗ୍ୟ ହୋଇପାରିଛି।

ଫିଓନା ରିଫାଇଣ୍ଡ ସନଫ୍ଲାୱାର ତେଲ ଏହାର ଆଧୁନିକ ଭାଇଟୋ ପ୍ରୋଟେକ୍ସ ଫର୍ମୁଲାକୁ ନେଇ ୫୦ ପ୍ରତିଶତରୁ ଅଧିକ ଭିଟାମିନକୁ ନେଇ ସାଧାରଣ ସନଫ୍ଲାୱାର ତେଲ ତୁଳନାର ଅଧିକ ଖାଦ୍ୟ ଉପଯୋଗୀ ପ୍ରଦାନ କରିଅଛି। ବ୍ୟବହାରିକ ଏହି ମୌଳିକ ଉପାଦାନ ଗୁଡ଼ିକ ଅତି ଚମତ୍କାର ଭାବରେ ବିକଶିତ ହୋଇ ଖାଦ୍ୟ ଥାଳିରେ ଏହାର ମୋଟାମୋଟି ପୌଷ୍ଟିକତା ମୂଲ୍ୟକୁ ବୃଦ୍ଧିକରିବା ସହିତ, ଦୈନନ୍ଦିନ ଖାଦ୍ୟ ଥାଳୀକୁ ଏହା କେବଳ ସ୍ୱାଦଯୁକ୍ତ ନୁହେଁ ସ୍ୱାସ୍ଥ୍ୟକର ମଧ୍ୟ କରିପାରିଛି।

ଫିଓନା ପରିବାର ସହିତ ଯୋଗଦାନକୁ ନିଜର ଗର୍ବଭାବରେ ଅଭିହିତ କରି ଅଭିନେତ୍ରୀ କିର୍ତ୍ତୀ ସୁରେଶ କହିଛନ୍ତି, "ଫିଓନା ରିଫାଇଣ୍ଡ ସନଫ୍ଲାୱାର ତେଲର ମୁଖପତ୍ର ଭାବରେ ମୁଁ ଅତ୍ୟନ୍ତ ଉନ୍ମାଦିତ, ଏହା ଏପରି ଏକ ବ୍ରାଣ୍ଡ ଯାହାକି ଉନ୍ନତ ଜୀବନଶୈଳୀ ପସନ୍ଦ କରିବା ଉପରେ ବିଶ୍ୱାସ କରିଥାଏ। ଫିଓନାରେ ରହିଥିବା ଭାଇଟୋପ୍ରୋଟେକ୍ସ ଫର୍ମୁଲା ଉଭୟ ପୌଷ୍ଟିକତା ଏବଂ ସ୍ୱାଦକୁ ସୁନିଶ୍ଚିତ କରିବା ସହିତ, ଏହାକୁ ଦୈନନ୍ଦିନ ପ୍ରସ୍ତୁତ ରୋଷେଇରେ ସବୁଠାରୁ ଭଲ ପସନ୍ଦ ଭାବରେ ପ୍ରସ୍ତୁତ କରିପାରିଛି। ଫିଓନା ସହିତ ଏହି ଜୟଯାତ୍ରାକୁ ଆରମ୍ଭ କରିବା ପାଇଁ ମୁଁ ଉତ୍ସାହିତ ଅଛି।"

